ଅଷ୍ଟମ ବର୍ଷ, ପ୍ରଥମ ସଂଖ୍ୟା
ଫେବୃଆରୀ, ୨୦୧୩

ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ରାଶିଫଳ
ଯାଯାବରର ଘର
କିଛି ପରବାୟ ନାହିଁ
ଶତାବ୍ଦୀ ଶେଷର ମଣିଷ
ପାର୍ବଣରେ ମାର ଭେଟ
ମୁଁ ଦାମିନୀ କହୁଛି
ଭାବୁକ ହୋଇପାଏ ମନ
ମୋ ଭ୍ରମଣ କାହାଣୀ
ଫେସବୁକ



## ପ୍ରଣୟର ଚିତ୍ରକଥା

ଚଳିତ ସଂସ୍କରଣର ପ୍ରଚ୍ଛଦରେ ଦିଆଯାଇଥିବା ଛବି ଓଡ଼ିଶାର ସ୍ବନାମଧନ୍ୟ ଶିଳ୍ପୀ ତଥା ଭୁବନେଶ୍ବର ସ୍ଥିତ ବି କେ ଆର୍ଟ କଲେଜର ପ୍ରାଧ୍ୟାପକ ଶ୍ରୀ ମୀନକେତନ ପଟ୍ଟନାୟକଙ୍କ ଦ୍ବାରା ଅଙ୍କିତ |  ଏହି ଛବିରେ ପ୍ରଣୟ ଓ ଶୃଙ୍ଗାର ରସର ଅଭୂତ ସମନ୍ବୟ ଦେଖିବାକୁ ମିଳେ |  ଶ୍ରୀ ପଟ୍ଟନାୟକଙ୍କ ଦ୍ବାରା ରଚିତ ଏକ ପ୍ରବନ୍ଧ ପ୍ରଣୟର ଚିତ୍ରକଳା ଚଳିତ ସଂସ୍କରଣର ୫୮ ପୃଷ୍ଠାରେ ଆପଣ ପଢ଼ିପାରିବେ |

ଆହ୍ୱାନ
ଅଷ୍ଟମ ବର୍ଷ, ପ୍ରଥମ ସଂଖ୍ୟା ଫେବୃଆରୀ, ୨୦୧୩

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି | ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବର୍ଷ ୨୦୧୨ ବିଦାୟ ନେଇ ୨୦୧୩ରେ ଆମେ ଗୋଟିଏ ମାସ ସମୟ ବିତେଇ ସାରିଲେଣି । ନୂଆବର୍ଷ ପାଇଁ ସବୁବେଳେ ଯେମିତି ମନରେ ଆଶା ଓ ଆକାଂକ୍ଷା ରହୁଥିଲା, ଚଳିତ ବର୍ଷ ସେମିତି କିଛି ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ରାଜଧାନୀ ନୂଆଦିଲ୍ଲୀରେ ଚଳନ୍ତା ବସ ଭିତରେ ଜନୈକା ଛାତ୍ରୀସହିତ ଗଣ ବଳାତ୍କାର ଏବଂ ପରେ ପରେ କାଶ୍ମୀରରେ ଆମ ଦେଶର ସୁରକ୍ଷାପାଇଁ ନିଯୁକ୍ତ ଦୁଇଜଣ ବୀର ସୈନିକଙ୍କ ମୁଣ୍ଡକାଟ ଘଟଣା ସମୁଦାୟ ଦେଶକୁ ଦୋହଲାଇ ଦେଇଛି । ଦିଲ୍ଲୀ ଘଟଣାପରେ ଅନେକ ମହଲରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦିଆଯିବା ସପକ୍ଷରେ ମତ ପ୍ରକାଶ ପାଇଛି । ଏବଂ ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମ ରାଜନୈତିକ ବ୍ୟକ୍ତିତ୍ୱମାନେ ନିଜର ମୂର୍ଖତାର ପରିଚୟ ଦେବାକୁ ଭୁଲିନାହାନ୍ତି । ହାଇଦ୍ରାବାଦର ଜନୈକ ବିଧାୟକ ସଭାସ୍ଥଳରେ ସମୁଦାୟ ହିନ୍ଦୁମାନଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟଦେଇ ସମ୍ପ୍ରତି ଗିରଫ ହୋଇଛନ୍ତି ଏବଂ ତାଙ୍କୁ ଜେଲରୁ ମୁକୁଳାଇବାପାଇଁ ନିଯୁକ୍ତ ଦୁଇଜଣ ଓକିଲଙ୍କ ନାମ ରାମ ହୋଇଥିବାକୁ ନେଇ ଅଦାଲତ କହିଛନ୍ତି ଯେ, ତୁମେ ଯେଉଁ ରାମଙ୍କୁ ଅପମାନିତ କରିଥିଲ, ଆଜି ସେଇ ରାମ ତୁମକୁ ଜେଲରୁ ମୁକୁଳାଇବାକୁ ଆସିଛନ୍ତି । ବିଭିନ୍ନତା ଭିତରେ ଏକତାର ଦେଶ ଭାରତ । ଏଠି ଧର୍ମନାମରେ ରାଜନୀତି କିଛି ନୂଆ ଘଟଣା ନୁହେଁ । କିନ୍ତୁ ଏହି ପ୍ରକାରର ଦୁଃସାହାସ କରିବାପାଇଁ ନେତାମାନଙ୍କୁ ଖୋରାକ୍ ଯୋଗାଉଛି କିଏ, ତାହାର ବିହିତ ଗବେଷଣା ହେବା ନିତାନ୍ତ ଜରୁରୀ ।

ଗଣଧର୍ଷଣର ଶୀକାର ଯୁବତୀ ଜଣଙ୍କୁ ଭଲ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସିଙ୍ଗାପୁର ପଠାଇ ଦିଆଯାଇଥିବା ବେଳେ ସେଠାରେ ସେ ମୃତ୍ୟୁବରଣ କରିଥିଲେ । ଏହାକୁ ନେଇ ବିଭିନ୍ନ ପ୍ରକାର ରାଜନୀତି ହୋଇଥିଲା ଏବଂ ହେଉଛି ମଧ୍ୟ । ରାଜଧାନୀ ଦିଲ୍ଲୀରେ ମହମବତୀ ଶୋଭାଯାତ୍ରାର ସଂଖ୍ୟା ଭାରତ ସ୍ୱାଧୀନତା ପରେ ସମ୍ଭବତଃ ସବୁଠାରୁ ଅଧିକ ହୋଇଛି । ବିଭିନ୍ନ ସଂଗଠନ ଦୋଷୀମାନଙ୍କୁ କଠିନ ଦଣ୍ଡ ଦେବାପାଇଁ ଦାବୀ କରୁଛନ୍ତି ।

ଧର୍ଷଣର ଶୀକାର ହେଉଥିବା ମହିଳା ବା ଯୁବତୀ କିମ୍ବା କନ୍ୟା ମାନଙ୍କ ପ୍ରତି ଯଥେଷ୍ଟ ଅନୁକମ୍ପା ଆମର ରହିଛି । ଧର୍ଷଣର ଶୀକାର ହେଉଥିବା ମହିଳା ମନରେ ସମ୍ପୂର୍ଣ୍ଣ ଜୀବନ ଏକ ଦାଗ ରହିଯାଉଛି । ଏହିପରି ଘୃଣ୍ୟକର୍ମ କରୁଥିବା ଦୋଷୀମାନେ ନିଶ୍ଚିତ ଭାବରେ ମାନସିକ ଦୁରାରୋଗ୍ୟରେ ପୀଡ଼ିତ । ହେଲେ ଅନେକ ଏଥିପାଇଁ ନାରୀମାନଙ୍କୁ ଦାୟୀ କରନ୍ତି । କେହି କେହି ମନ୍ତବ୍ୟ ଦେଉଛନ୍ତି ଯେ ଏହା ଦିନକୁ ଦିନ ବୃଦ୍ଧିପାଉଥିବା ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ । ଆମେ ଏହିପରି ଦାବୀକୁ ସିଧା ସିଧା ଖାରଜ କରିଦେଉ । କୌଣସି ପାଶ୍ଚାତ୍ୟ ସମାଜରେ ନାରୀମାନଙ୍କୁ ଅପମାନିତ ବା ଧର୍ଷଣ କରିବାର କୌଣସି ନଜିର ନାହିଁ । ଆମର ଯେଉଁ ଭାଇ ବନ୍ଧୁମାନେ ସୁଦୂର ବିଦେଶରେ ରହୁଛନ୍ତି ସେମାନଙ୍କ ମତରେ ପାଶ୍ଚାତ୍ୟ ସଭ୍ୟତା ଏକ ସୁସଂଗଠିତ ସମାଜ, ଯେଉଁଠି ନାରୀମାନଙ୍କୁ ଉଚିତ ସମ୍ମାନ ଦିଆଯାଏ । ପୁରୁଷ ଓ ନାରୀ ମଧ୍ୟରେ ବିଭେଦ ନଥାଏ । ତେଣୁ ଏମିତି

କ୍ଷେତ୍ରରେ ପାଶ୍ଚାତ୍ୟ ଜୀବନଶୈଳୀକୁ ଦୋଷୀବୋଲି କହିବା ଅର୍ଥ ନିଜ ମୁଣ୍ଡରୁ ଅଠା ବାହାର କରି ଅନ୍ୟର ମୁଣ୍ଡରେ ଢାଳିବା ସହିତ ସମାନ |

କିଛି ନେତା, ମନ୍ତ୍ରୀ ଓ ବୁଦ୍ଧିଜୀବି ମନ୍ତବ୍ୟ ଦେଇଛନ୍ତି ଯେ ଆଜିକାଲି ଝିଅମାନେ ଯେଉଁ ପ୍ରକାରର ବସ୍ତ୍ର ପିନ୍ଧୁଛନ୍ତି ସେଇଥି ପାଇଁ ଏଇ ସବୁ କାଣ୍ଡ ଘଟୁଛି | ଏହି ପରି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ମାନସିକ ଅବସ୍ଥା କଣ ତାହା ସମସ୍ତେ ସହଜରେ ଅନୁମାନ କରିପାରୁଥିବେ | ଅର୍ଥାତ ଯଦି ଜଣେ ମହିଳା ସ୍ବଳ୍ପବସ୍ତ୍ର ପିନ୍ଧି ଏହି ପରି ଜଣେ ବ୍ୟକ୍ତିଙ୍କ ସମ୍ମୁଖକୁ ଆସିଯାଏ ସେ ତା ସହିତ ଦୁଷ୍କର୍ମ କରିବାପାଇଁ ପଛାଇବେ ନାହିଁ | ନା କଣ ? ଯେତେଦିନ ପର୍ଯ୍ୟନ୍ତ କୌଣସି ମହିଳା ସମାଜରେ ନିଜକୁ ଅସୁରକ୍ଷିତ ମନେ କରୁଥିବ, ସେତେଦିନ ପର୍ଯ୍ୟନ୍ତ ଆମେ ଆମ ଦେଶକୁ ସ୍ବାଧୀନ ବୋଲି କହିପାରିବା ନାହିଁ | ଯେଉଁଠି ନାରୀର ସମ୍ମାନ ନାହିଁ, ସେହିପରି ଦେଶର ଅବନତି ଅସମ୍ଭବ ନୁହେଁ |

ଭାରତରେ ଦିନକୁ ଦିନ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା କମ ହେଇଯାଉଛି ବୋଲି ସରକାରୀ ସ୍ତରରେ ଯେଉଁ ଆକଳନ କରାଯାଉଛି, ତାହାର ଗୋଟିଏ ପ୍ରମୁଖ କାରଣ ଏଇୟା ହୋଇପାରେ ଯେ ଯେଉଁ ସମାଜରେ ନାରୀକୁ ସମ୍ମାନର ସହ ବଞ୍ଚିବାକୁ ଦିଆଯାଉନି, ସେଇ ସମାଜରେ କୌଣସି ମା ବାପା କନ୍ୟା ସନ୍ତାନ ଜନ୍ମ କରିବା ପାଇଁ ଇଚ୍ଛା ଦେଖାଇବେ କାହିଁକି ?

ବର୍ଷର ପ୍ରଥମ ମାସ ଘଟଣାବହୁଳ ନଥିଲେ ସୁଦ୍ଧା ଅନେକ କାରଣପାଇଁ ପ୍ରମୁଖ ରହିବ ଏବଂ ସେଥିରୁ ଗୋଟିଏ ହେଉଛି ଗରୀବିରେଖା ତଳେ ରହୁଥିବା ପରିବାର ମାନଙ୍କୁ ମାତ୍ର ଏକ ଟଙ୍କାରେ ଚାଉଳ ଦିଆଯିବାର ନିଷ୍ପତ୍ତି | ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବସମ୍ମୁଖରେ ଘୋଷଣାକଲେ ଯେ ସେ ଓଡ଼ିଶାରେ ଅନାହାର ମୃତ୍ୟୁ ଦେଖିବାପାଇଁ ଚାହାନ୍ତି ନାହିଁ, ତେଣୁ ମାତ୍ର ଏକଟଙ୍କାରେ ସେ ଚାଉଳ ଯୋଗାଇବେ | ଅବଶ୍ୟ ଏହା ପୂର୍ବରୁ ସେ ଦୁଇଟଙ୍କାରେ ଚାଉଳ ଯୋଗାଇ ଆସୁଥିଲେ | ଏହି ଖବର ଶୁଣି ରାଜ୍ୟର ଅନେକ ଅଞ୍ଚଳରେ ଲକ୍ଷାଧିକ ଲୋକ ଆନନ୍ଦିତ ହୋଇଥିବେ ନିଶ୍ଚୟ | ରାଜନୈତିକ ଦୃଷ୍ଟିକୋଣରୁ ଏହା ଏକ ଉଲ୍ଲେଖନୀୟ ଖବର | ହେଲେ ଦୁଇଟଙ୍କିଆ ଚାଉଳ ପ୍ରଚଳନ କରି ରାଜ୍ୟକୁ ପଙ୍ଗୁ କରିଦେଇଥିବା ସରକାର ଏବେ ଟଙ୍କାକରେ ଚାଉଳ ଦେଇ ଆଉ କଣ ଅଧିକ ପ୍ରମାଣିତ କରିବାକୁ ଚାହାନ୍ତି ? ମାସିକ ପଚିଶି କିଗ୍ରା ଚାଉଳରେ ସମୁଦାୟ ପରିବାର ଚଳିପାରୁଥିବା ହେତୁ ଅନ୍ୟୁନ ପଚାଶ ଟଙ୍କାରେ ମାସକର ଚାଉଳର ବ୍ୟବସ୍ଥା ହୋଇଗଲେ ଆଉ କିଏ କାହିଁକି କାମ କରିବାକୁ ଘରୁ ବାହାରିବ? ଏହାଦ୍ବାରା ମାନବସମ୍ବଳର ଦୁରୁପଯୋଗ ହେଉନାହିଁ କି ? ଧାନ କଟା ହେଉ ଅବା ଇଟାଭାଟି ହେଉ ଅଥବା ଘରତୋଳା ହେଉ ସବୁଠି ଆଜିକାଲି ମୁଲିଆ ମଜଦୁରଙ୍କ ଘୋର ଅଭାବ | କାରଣ, ସେମାନଙ୍କୁ ଆଉ ପରିଶ୍ରମ କରିବାକୁ ଆବଶ୍ୟକ ହେଉନାହିଁ | ଦିନକର ମଜୁରୀରେ ମାସକର ଚାଉଳ ମିଳିଯାଉଛି, ଆଉ ପରିଶ୍ରମ କରିବା କଣ ଆବଶ୍ୟକ ? ଯଦି ଅଧିକ ଆୟ ହେଉଛି, ମଦ ଭାଟିରେ ସେତକ ଗଲେ ବି ଚିନ୍ତା ନାହିଁ, କାରଣ ଘରେ ଖାଇବାପାଇଁ ସବୁ ସୁବିଧା ହୋଇଯାଇଛି | ବାଃ ବାଃ ରେ ସରକାର !!!

ସମୁଦାୟ ରାଜନୈତିକ ବ୍ୟବସ୍ଥାରେ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହିପ୍ରକାରର ନିଷ୍ପତ୍ତିମାନ ନିଆଯାଉଛି । କେତେ ଦିନ ଆଉ ଏମିତି ମାଗଣାରେ ଖୁଆଇ ପିଆଇ ରଖିବ, ଯେଉଁ ଲୋକ ସ୍ବାଧୀନତାର ଷାଠିଏ ବର୍ଷପରେ ମଧ୍ୟ ନିଜ ଗୋଡ଼ରେ ଠିଆ ହେବା ଶିଖିଲେ ନାହିଁ, ସେମାନଙ୍କୁ ଖୁଆଇଲେ ପିଆଇଲେ କଣ ହେବ ? ଠିଆ କରିବା ଭଳି କ୍ଷମତା ସେମାନଙ୍କର ନାହିଁ । ଯଦି ଅଛି, ସେମାନଙ୍କୁ ନିଜ ଗୋଡ଼ରେ ଠିଆ ହେବାପାଇଁ ସକ୍ଷମ କରାଅ, ମାଗଣାରେ ଖାଇବାକୁ ଦିଅନାହିଁ । କାରଣ ଯିଏ ଥରେ ମାଗଣାରେ ଖାଇବାକୁ ପାଇବ ସେ କେବେ ବି ନିଜ ହାତ ହଲେଇ କାମ କରିବାକୁ ଇଚ୍ଛା କରିବ ନାହିଁ ।

ଦେଶକୁ ସ୍ଥାୟୀ ଅବସ୍ଥାରେ ରଖିବା ପାଇଁ କେବଳ ଏହି ଅକ୍ଷମ ଲୋକମାନଙ୍କର ଆବଶ୍ୟକତା ନାହିଁ । ସେମାନଙ୍କ ପଛରେ କୋଟି କୋଟି ଟଙ୍କା ବ୍ୟୟ କରି କଣ ଲାଭ ପାଉଛି ଏ ଦେଶ ? ମଧ୍ୟମବର୍ଗଙ୍କ ସ୍ବଳ୍ପାର୍ଜିତ ଧନରୁ ଟ୍ୟାକ୍ସ ନେଇ ଏଇ ଲୋକମାନଙ୍କୁ ମାଗଣାରେ ଖାଇବା, ପିନ୍ଧିବା, ରହିବା ସବୁ ବ୍ୟବସ୍ଥା କରିଦେଲଣି, ତଥାପି ସେମାନେ ସୁଧୁରିଲେ ନାହିଁ, ଶିକ୍ଷାୟତନରେ ଅଗ୍ରାଧିକାର ଦେଲ, ଚାକିରୀରେ ପଦୋନ୍ନତିରେ ଅଗ୍ରାଧିକାର ଦେଉଛ, ତଥାପି କଣ ପରିବର୍ତ୍ତନ ହେଉଛି ? କାହିଁକି ତା'ହେଲେ ଏ ସବୁ କରୁଛ ? ବହୁତ ହେଇଗଲା, ଷାଠିଏ ବର୍ଷରେ ଦେଶର ସାର୍ବଭୌମତ୍ବ ଓ ସାମ୍ୟବାଦକୁ ଲୋକହସା କରିସାରିଲଣି । ଏଠି କେବଳ ବିପିଏଲ୍ ଆଉ ଗରୀବ ମାନଙ୍କ ପାଇଁ ହିଁ ଚିନ୍ତା କରୁଛି ସରକାର । ମଧ୍ୟମବର୍ଗଙ୍କୁ ହତୋତ୍ସାହିତ କରିସାରିଲଣି, ଏମାନଙ୍କର ସ୍ଥିତିକୁ ବ୍ୟଙ୍ଗରେ ପରିଣତ କରିଦେଲଣି । ଏଠାରେ ସମସ୍ତେ ସମାନ ବୋଲି କହିବାର କୌଣସି ଯଥାର୍ଥତା ନାହିଁ । ଏଠି ସମସ୍ତେ ସମାନ ନୁହନ୍ତି । ସାରା ଜୀବନ ଚାକିରୀ କରିବାପରେ ମଧ୍ୟ ନିଜ ପାଇଁ ଗୋଟିଏ କୋଠରୀର ଘର କିଣିବା ପାଇଁ ଅସମର୍ଥ ଦେଶର ଅର୍ଦ୍ଧାଧିକ ଜନତା ଅଥଚ ଗରୀବ ନାଁରେ ତୁମେ ମାଗଣାରେ ଘରପାଇଁ ଜମି ଆଉ ଟଙ୍କା ଯୋଗାଇ ଦେଉଛ, କେଉଁ ମାନଙ୍କୁ, ଯେଉଁମାନେ ଦେଶର ଉନ୍ନତିରେ କୌଣସି ପ୍ରକାର ସହାୟତା କରିପାରିବେ ନାହିଁ, ବରଂ ଆମ ଦେଶର ଉନ୍ନତିରେ ଯେଉଁମାନେ ମୁଖ୍ୟ ଅନ୍ତରାୟ ସାଜିଛନ୍ତି ?

ପେଟ୍ରୋଲ ଡିଜେଲ୍ ଦାମରେ ବୃଦ୍ଧି, ଗରୀବମାନଙ୍କୁ ସିଧାସଳଖ ସବସିଡ଼ି ଦେବାର ବ୍ୟବସ୍ଥା, ଏକ ଟଙ୍କାରେ ଚାଉଳ ବ୍ୟବସ୍ଥା, ମାଗଣାରେ ସାଇକେଲ୍, ଚାକିରୀରେ ପଦୋନ୍ନତିର ଭରସା, ଆଉ କଣ କରିପାରିବ ଯାହାଦ୍ବାରା ଏ ଦେଶ ରସାତଳକୁ ଯାଇ ପାରିବ ।

ବର୍ଷ ୨୦୧୨ ଶେଷ ହେଉ ହେଉ ଏମିତିକା ଅନେକ ଚିନ୍ତା ମନରେ ଗରଳ ହୋଇ ମାନସିକ ଦୁଶ୍ଚିନ୍ତାରେ ଭରିଦେଇଥିଲା, ତେଣୁ ଜାନୁଆରୀ ମାସର ସଂସ୍କରଣ ପ୍ରକାଶନ ହୋଇପାରିଲା ନାହିଁ । ଆଶା କରୁଛି ଫେବୃଆରୀ ମାସର ଏହି ସଂସ୍କରଣ ଆପଣ ମାନଙ୍କୁ ପସନ୍ଦ ଆସିବ ।

ଜ୍ୟୋତି ପ୍ରସାଦ

# ସୂଚୀପତ୍ର


ଆହ୍ବାନର ସପ୍ତମ ବର୍ଷପୂର୍ତ୍ତୀ ଉପଲକ୍ଷେ ୮
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ହାପି ନୂଆବର୍ଷ ୧୦
ଡ: କୁଳାଙ୍ଗାର

ସ୍ବାଗତମ୍ ସ୍ବାଗତମ୍ ଦୁଇହଜାର ତେର ୧୨
ରଶ୍ମୀରଞ୍ଜନ ଦାଶ (ବାପୁ)

ସାମାଜିକ ପ୍ରତିବଦ୍ଧତା ଏବଂ ଆମର ଧର୍ମାନ୍ଧତା ୧୩
ବାଲ୍ମୀକି ନାୟକ

ଯାଯାବରର ଘର ୧୮
ପ୍ରିୟରଞ୍ଜନ ଦାଶ

କିଛି ପରବାୟ ନାହିଁ ୧୯
ସୁନୀଲ୍ ମିଶ୍ର

ରାଶିଫଳ ୨୧
ଅକ୍ଷୟ କୁମାର ରାଉତ

ପାର୍ବଣରେ ମା'ର ଭେଟ ୨୪
ରଶ୍ମୀ ରଞ୍ଜନ ଦାଶ (ବାପୁ)

ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ ୩୦
ଦେବାଶିଷ ସାମଲ (ଦେବ)

ମୁଇଁ ଦାମିନୀ କହୁଛେଁ ୩୨
ଶ୍ରୀମାନ୍ ବିଧୁଭୂଷଣ ମିଶ୍ର (ପିଣ୍ଟୁ)

ମୋ ଭ୍ରମଣ କାହାଣୀ - ଟରୋଣ୍ଟୋ-୬ ୩୪
ପ୍ରଶାନ୍ତ କୁମାର ଭୂୟାଁ

ଭାବୁକ ହୋଇଯାଏ ମନ ୪୦
ବିନୟ ମୋହନ ଦାସ

ଶତାବ୍ଦୀ ଶେଷର ମଣିଷ : 'ଯତ୍ନରେ ବ୍ୟବହାର କର' ୪୧
ବିଷ୍ଣୁପ୍ରସାଦ ଚୌଧୁରୀ

ନୂଆ ବରଷ ୪୫
ବନ୍ଦନା ପଣ୍ଡା

ପ୍ରେମ କବିତା ୪୬
କମଳ କୁମାର ଦାସ

ଲାଗେ ଖାଲି ନୂଆ ନୂଆ ୪୭
ସରୋଜ ମିଶ୍ର

ଦୁଃଖର ସାଗର ୪୯
ଚନ୍ଦ୍ରଶେଖର ମିଶ୍ର

ଅମର ବନ୍ଧୁତ୍ବ ୫୦

ଫେସବୁକ୍-୬ ୫୧
ପ୍ରଶାନ୍ତ କୁମାର ଭୂୟାଁ

ପ୍ରଣୟର ଚିତ୍ରକଥା ୫୮
ମୀନକେତନ ପଟ୍ଟନାୟକ

ବିଶେଷ ସୂଚନା ୬୫

# ଆହ୍ୱାନର ସପ୍ତମ ବର୍ଷପୂର୍ତ୍ତୀ ଉପଲକ୍ଷେ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

୨୦୦୬ ମସିହା ଫେବୃଆରୀ ମାସର ପ୍ରଥମ ସପ୍ତାହ, ସରସ୍ବତୀ ପୂଜା ପାଇଁ ସବୁଠି ସଜବାଜ ଚାଲିଥାଏ, ଏହି ସମୟରେ ଓଡ଼ିଶାର ପୂର୍ବତଟରେ ଅବସ୍ଥିତ ଏସିଆ ମହାଦେଶର ସର୍ବବୃହତ୍ ଲୁଣିପାଣି ହ୍ରଦ ଚିଲିକା ଉପରେ ନୌବିହାର କରୁଥିବା ଅବସରରେ ମନରେ ଏକ ଭାବନା ଆସିଲା, ସେଇ ହ୍ରଦ ମଧ୍ୟରେ ମା କାଳିଜାଈଙ୍କ ପୀଠରୁ ବାହାରି ଆସୁଥିବା ବେଳେ ମନେ ମନେ ସ୍ଥିର କରିଥିଲି, ଓଡ଼ିଆ ଭାଷାରେ ଏକ ପତ୍ରିକା ପ୍ରକାଶନ କରିବା ପାଇଁ | ସେଇ ପତ୍ରିକା କେବଳ ଓଡ଼ିଶା ଭିତରେ ହିଁ ନୁହଁ ବରଂ ଓଡ଼ିଶା ବାହାରେ ମଧ୍ୟ ରହୁଥିବା ସମସ୍ତ ଅଗଣିତ ଓଡ଼ିଆଙ୍କୁ ଏକ ସୂତ୍ରରେ ବାନ୍ଧିରଖିବ ବୋଲି ଦୃଢ଼ ମନୋନିବେଶ କରିବି ବୋଲି ପ୍ରତିଶୃତିବଦ୍ଧ ହୋଇଥିଲି | ସେଇ ଦିନରୁ ହିଁ ଅୟମାରମ୍ଭ ହୋଇଥିଲା ଆହ୍ୱାନର | ମୋ ଘର ଶୟନକକ୍ଷର ଗୋଟିଏ କୋଣରେ ଥୁଆ ହୋଇଥିବା ମୋର ପ୍ରଥମ କମ୍ପ୍ୟୁଟର ପରଦାରେ ପୃଷ୍ଠାପରେ ପୃଷ୍ଠା ଓଡ଼ିଆ ଭାଷାରେ ସଜେଇ ଦେଇ ପ୍ରକାଶିତ କରିଥିଲି ଆହ୍ୱାନର ପ୍ରଥମ ସଂସ୍କରଣ | ଆଠ ପୃଷ୍ଠା ସମ୍ବଳିତ ଏକ କ୍ଷୁଦ୍ର ଟାବଲଏଡ୍ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ |

ଦୀର୍ଘ ସାତବର୍ଷରେ ମୁଁ ଝୁଣ୍ଟିଛି, ପଡ଼ିଛି, ପୁଣି ଉଠି ଚାଲିଛି, ସବୁ କେବଳ ଆପଣ ମାନଙ୍କ ପାଇଁ ଏବଂ ଆପଣମାନଙ୍କ ସହାୟତା ଯୋଗୁଁ ହିଁ ସମ୍ଭବ ହୋଇ ପାରିଛି | ଓଡ଼ିଆ ଭାଷାକୁ ଶିଖିବାର ସୁଯୋଗ ଆପଣଙ୍କ ପରି ସୁଧୀ ଓ ଜ୍ଞାନୀ ପାଠକ ପାଠିକା ମାନଙ୍କ ଯୋଗୁଁ ମିଳିଛି | ମୋର ଅନେକ ଦୋଷତ୍ରୁଟିକୁ ଆପଣମାନେ କ୍ଷମଣୀୟ କରି ମୋତେ ପ୍ରୋତ୍ସାହିତ କରିଛନ୍ତି ଏବଂ କରୁଛନ୍ତି ମଧ୍ୟ | ଆପଣ ମାନଙ୍କ ସ୍ନେହାଶୀର୍ବାଦ ମୋ ପାଇଁ ଅନେକ ପ୍ରେରଣା ଦେଇଛି |

ଆଜି ଦୀର୍ଘ ସାତବର୍ଷ ପରେ ମୁଁ ପଛକୁ ଫେରି ଚାହିଁଲେ ମନେ ମନେ ବହୁତ ଖୁସି ହେଉଛି, ମୋ ସ୍ବପ୍ନକୁ ମୁଁ ସାକାର କରିଛି, ଅଗଣିତ ଓଡ଼ିଆ ମାନଙ୍କୁ ଏକ ସୂତ୍ରରେ ବାନ୍ଧିଧରିବାର ଯେଉଁ ପ୍ରୟାସ ମୁଁ କରିଥିଲି ତାହା ଆଜି ସଫଳ ହୋଇଛି | ଅସଂଖ୍ୟ ଓଡ଼ିଆ ଏବେ ଓଡ଼ିଆ ଭାଷାରେ ଲେଖୁଛନ୍ତି ଓ ପଢୁଛନ୍ତି, ଭାଷା ଓ ସାହିତ୍ୟପ୍ରତି ସେମାନଙ୍କ ରୁଚି ବଦଳିଛି | ଆହ୍ୱାନ ପଥ ପ୍ରଦର୍ଶକ ହୋଇଛି ଏହାପରି ଅନେକ ଇ-ପତ୍ରିକାର ଯାହା ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ସାହିତ୍ୟର ପ୍ରସାରକ ହୋଇ ଆଗକୁ ଆସିଛନ୍ତି ଏବଂ ବର୍ତ୍ତମାନ ସମୟରେ ଇଣ୍ଟରନେଟରେ ପ୍ରକାଶିତ ହୋଇ ଅଗଣିତ ଓଡ଼ିଆଙ୍କୁ ଓଡ଼ିଆ ଭାଷା ସହ ଯୋଡ଼ି ରଖିବାରେ ସାହାଯ୍ୟ କରୁଛନ୍ତି | ଏହା ସବୁ ସମ୍ଭବ ହୋଇଛି କେବଳ ଆହ୍ୱାନ ପାଇଁ |

ଦୀର୍ଘ ସାତବର୍ଷ ଆହ୍ବାନକୁ ପଢ଼ି, ଏବଂ ଏହାକୁ ପସନ୍ଦ କରି ଆସୁଥିବା ସମସ୍ତ ପାଠକପାଠିକା ମାନଙ୍କୁ ଆହ୍ବାନ ଇ-ପତ୍ରିକାର ସପ୍ତମବର୍ଷପୂର୍ତ୍ତୀ ଉପଲକ୍ଷେ ମୁଁ ଧନ୍ୟବାଦ ଦେଉଛି | ଆପଣ ମାନଙ୍କ ସ୍ନେହ ଓ ସୌହାର୍ଦ୍ଦ୍ୟ ମୋ ପାଇଁ ସବୁଠୁ ବଡ଼ ପୁରସ୍କାର ହୋଇଛି | ଆଜି ଆହ୍ବାନକୁ ଯେଉଁ ସମ୍ମାନ ମିଳୁଛି ତାହାର ଶ୍ରେୟ କେବଳ ଆପଣମାନଙ୍କୁ ହିଁ ଯାଏ | ଆପଣମାନେ ଆଗାମୀ ବର୍ଷମାନଙ୍କରେ ଆହ୍ବାନ ସହ ଏମିତି ଜଡ଼ିତ ହୋଇ ରହିବେ ଏବଂ ଓଡ଼ିଆ ଭାଷା ସାହିତ୍ୟ ଅନୁରାଗୀ ହେବେ ବୋଲି ମୁଁ ଦୃଢ଼ ଆଶା କରୁଛି |

ଭଗବାନ ଆପଣଙ୍କୁ ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରନ୍ତୁ |

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ସମ୍ପାଦକ 'ଆହ୍ବାନ'

# ହାପି ନୂଆବର୍ଷ !



ଡ: କୁଳାଙ୍ଗାର

ବନ୍ଧୁଗଣ!
ମୁଁ ଜାଣେ ନୂଆବର୍ଷ ପାଳନରେ
ଏକଦମ୍ ବିଜିଥିଲେ ଆପଣ |

ନୂଆବର୍ଷରେ ଆପଣମାନେ
ପାଲଟି ଯାଇଥିବେ ଗୋଟେ ଗୋଟେ ପଶୁ;
ମାରିଥିବେ ଛେଳି, ମେଣ୍ଢା,
କୁକୁଡ଼ା, ଘୁଷୁରି
ଯେହ୍ନେ ସିଏ ଆପଣଙ୍କ କଳିହୁଡ଼ି ଶାଶୁ |

ନୂଆବର୍ଷରେ ଆପଣଙ୍କ ପେଟରେ
ଜମିଥିବ ହଳାହଳ;
ଦେଶୀ ବିଦେଶୀ ଯାହା ମିଳିଲା
ପେଟେ ପିଇ ନିଶାର ଭାରରେ
ଆପଣ ହେଉଥିବେ ଟଳଟଳ |

ଯୁବକ ଯୁବତୀମାନେ ବଣଭୋଜି
ନାଆଁରେ ଜଙ୍ଗଲରେ ନ ହେଲେ
ପାର୍ଟି ନାଆଁରେ ହୋଟେଲ୍ କି'
କ୍ଲବରେ କରୁଥିବେ ମସ୍ତି;
ମୋବାଇଲ୍ ଏକଦମ୍ ହଟ୍ ଥିବ
ଆଉ ଇନ୍‌ବକ୍ସ ଉଇସ୍ ଓ
ରୋମାଣ୍ଟିକ୍ ମେସେଜରେ ଥିବ ଭର୍ତ୍ତି |

ଯେଉଁମାନେ ଭୁଲରେ ବି'
ମନ୍ଦିର ଯାଇଥିବେ;
ସେଠି ଠାକୁର ନୁହଁ ତାଙ୍କ
ହ୍ୟାଣ୍ଡସମ୍ କ୍ୟୁଟ୍ ଭକ୍ତଙ୍କୁ
ବଲବଲ ଚାହିଁଥିବେ |

ଏ ଶୀତଋତୁରେ ନୂଆବର୍ଷ
ଆପଣଙ୍କୁ ଜରୁର ହଟ୍ କରୁଥିବ;
ଏଇ ବେଳରେ ମୋର ବାର୍ତ୍ତା ବା'
କି କାମରେ ଆସିବ |

ଓଃ ମାଇଁ ଡିୟର୍,
ସଂକଳ୍ପକର ସତ ଜମା କହିବନି
କହିଲେଟି କୀଳା ନେବ
ଦିନୁଦିନ ବଢୁଅଛି ସର୍କାରର ଗିୟର୍ |

ଆଶା ! ଏ ବର୍ଷ ଆପଣଙ୍କ
ଘରେ ଭିଜିଲାନ୍ସ୍ ନ ପଶୁ;
ଆପଣଙ୍କ ଘରଆଡ଼େ
ପୁଲିସ୍ ବୁଲି ନ ଆସୁ |

ଏ ବର୍ଷ ଆପଣଙ୍କ ପାଇଁ ଶୁଭଙ୍କର ହେଉ,
ଅନ୍ତତଃ ଆପଣଙ୍କ ପୋଷାକପତ୍ରରେ
ସଂଜମତା ରହୁ |

ଏବର୍ଷ ବି' ଆପଣଙ୍କୁ ଏଡ଼ସ ନ ହଉ,
ଆପଣଙ୍କ ଦୁର୍ନୀତି ଥଳି
ସେଇମିତି ପୂର୍ଣ୍ଣ ହେଉଥାଉ |

ଦୁଇହଜାର ତେର,
ଆପଣ ଭଲରେ ଥାଆନ୍ତୁ,
ଆପଣଙ୍କ ଛଡ଼ା ଉନ୍ନତି ନ ହେଉ କା'ର |

# ସ୍ୱାଗତମ୍...ସ୍ୱାଗତମ୍ ଦୁଇହଜାର ତେର



ରଶ୍ମୀ ରଞ୍ଜନ ଦାଶ

ପଶ୍ଚିମଆକାଶ ଦୂରଦିଗ୍‌ବଳୟ ହେଲା ଲୋହିତ ବର୍ଣର
ଅସ୍ତରାଗ ଗୀତି ଗାଇଣ ହଜୁଛି ଦେଖ ଦି'ହଜାର ବାର
ନୂତନ ସୂରୁଜ ଉଇଁବ ସତେ କି ଲିଭିବ ଅନ୍ଧକାର
ଜଗତନାଥଙ୍କ ଆଶିଷବଳରେ ବର୍ଷହେବ ଆନନ୍ଦର....
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........୧
ବିଶ୍ୱେ ଘୋଟିଛି ମାନ୍ଦା-ମହାମାରୀ ମହଙ୍ଗାୟୀ, ଭ୍ରଷ୍ଟାଚାର
ଆସାମ୍ ଦଙ୍ଗା ଦିଲ୍ଲୀ ଧର୍ଷଣ ଥରାଇଛି ବୁକୁ ବହୁବାର
ଫାଶିରେ ଝୁଲିଛି ନରହନ୍ତା କସାବ ପ୍ରତୀକ ସିନା ସେ ସନ୍ତ୍ରାସର
ବର୍ବରତା କିନ୍ତୁ ଆଜି ବି ବଞ୍ଚିଛି ଅଫଜଲ ଗୁରୁ ପରକାର
ଏହି ଦୁଃଖମୟ ଯେତେ ଅନୁଭୂତି (ସତେ) ନବବର୍ଷେ ହେବଦୂର
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........୨

ଆମ୍ ଆଦ୍‌ମୀ ଆଜି ହେଉଛି ବିଭ୍ରାନ୍ତ ସଭିଙ୍କ ଭିନ୍ନ ବିଚାର
ଆନ୍ନା, କେଜ୍ରିୱାଲ୍, କଂଗ୍ରେସ, ବିଜେପି, ଗର୍ଜୁଛନ୍ତି ଯେଣୁ ଉଚ୍ଚସ୍ୱର
କିଏ କହେ ମୁହିଁ "ଆମ୍ ଆଦ୍‌ମୀ" ପାଇଁ କିଏ କହେ ମୁଁ "ଆମ୍ ଆଦ୍‌ମୀ"ର
ମୋତେ କିଆଁଲାଗେ ଏମାନେ ସମସ୍ତେ ବାସ୍ତବତାଠାରୁ ବହୁଦୂର
ଭିନ୍ନମତ ସବୁ ସତେ ଏକ ହବ ନୂଆବର୍ଷରେ ଦେଶ ଆଗେଇବ
ଭାବଇ ଏହା ମନର
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........୩

ଦୂର୍ନୀତି ଅନୀତି ଯାହା ବି ଆସିଛି ତାହା ମୂଳ ଆମଠାର
ଆମେ ସୁଧୁରିଲେ ତେର ସୁଧୁରିବ ବର୍ଷହେବ ଆନନ୍ଦର
ଏତିକି ମନାଶେ ଜଗନ୍ନାଥପାଶେ ରଶ୍ମୀରଞ୍ଜନଦାସ ତା'ର
କରନ୍ତୁ କାଳିଆ ମଙ୍ଗଳ ସବୁ ଦୁଃଖଶୋକ ଘୁଞ୍ଚୁ ମୋ ଦେଶର
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........
ସ୍ୱାଗତମ୍... ସ୍ୱାଗତମ୍ ଦୁଇହଜାର ତେର..........୪

ଭାରତବର୍ଷର ସାହିତ୍ୟର ସର୍ବଶ୍ରେଷ୍ଠ ସମ୍ମାନ "ଜ୍ଞାନପୀଠ" ରେ ମଣ୍ଡିତ ହୋଇ ଯିଏ ଆମ ଓଡ଼ିଆଭାଷା, ଓଡ଼ିଆଜାତି, ତଥା ଓଡ଼ିଶାର ଗରିମାକୁ ନଭଶୁମ୍ବୀ କରିଛନ୍ତି, ଓଡ଼ିଶା ସାହିତ୍ୟାକାଶର ସେହି ଉଜ୍ଜଳତମା ନକ୍ଷତ୍ର... ଯାଜ୍ଞସେନୀ ଆଦି ମହତକାବ୍ୟର ଜନ୍ମଦାତ୍ରୀ ମହିୟସୀ , ବାଗ୍ମୀ ଡ଼ ପ୍ରତିଭା ରାୟଙ୍କ ସମ୍ମାନାର୍ଥେ ମୋର ଏହି କବିତା ତାଙ୍କରି କର କମଳରେ ଉତ୍ସର୍ଗୀକୃତ

# ସାମାଜିକ ପ୍ରତିବଦ୍ଧତା ଏବଂ ଆମର ଧର୍ମାନ୍ଧତା



ବାଲ୍ମୀକି ନାୟକ

ଆଜିକାଲି ଯେ କୌଣସି ଖବର କାଗଜ ଏବଂ ପତ୍ରିକା ଖୋଲି ପଢ଼ିବାକୁ ଚାହିଁଲେ, ସେଥିରେ ସବୁଠାରୁ ବେଶୀ ଆଲେଖ୍ୟ ଭ୍ରଷ୍ଟାଚାର, ଅନାଚାର, ଅତ୍ୟାଚାର, ଦୂରାଚାର, ବ୍ୟଭିଚାର ଆଦି ଅନେକ ପ୍ରକାର କୁ-ଆଚାର ବିଷୟରେ ଅତି ଗମ୍ଭୀର ବିଶ୍ଳେଷଣ ସଂଭାଷଣ ତଥା ଅଭିଯୋଗକରଣ ମନ୍ତବ୍ୟ ପଢ଼ିବାକୁ ମିଳିଥାଏ | ସମସ୍ତେ ସମସ୍ୟା ଗୁଡ଼ିକୁ ବିସ୍ତାର ଭାବରେ ଭାବବିହ୍ବଳିତ ଭାଷାରେ ବର୍ଣ୍ଣନା କିମ୍ବା ଉପସ୍ଥାପନା କରିଥାନ୍ତି | କିନ୍ତୁ କେହି ବି ସମସ୍ୟାର ସମାଧାନର ଦିଗ ଖୋଜି ପାଉନାହାନ୍ତି |

ଗୋଟିଏ ଉଦାହରଣ ଦେଖନ୍ତୁ | ନିଜର ଚିକିତ୍ସା କରିବାପାଇଁ ଆପଣ ଗୋଟିଏ ସରକାରୀ ଡାକ୍ତରଖାନାରେ ଅନ୍ୟ ରୋଗୀମାନଙ୍କ ସହିତ ଲାଇନରେ ବସିଥିବା ବେଳେ ରୋଗୀମାନଙ୍କର ମତ ଶୁଣନ୍ତୁ | ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ବି ଡାକ୍ତର ଆସିନଥିବା ଦେଖି ଜଣେ କହୁଛି - ଆଜ୍ଞା ଡାକ୍ତରଙ୍କୁ ନିଜ ଘରେ ହିଁ ତ ଅନେକ ରୋଗୀ ମିଳିଯାଉଛନ୍ତି, ସେ ଏଠାରେ ମାଗଣାରେ ରୋଗୀ ଦେଖିବାକୁ କାହିଁକି ଆସିବେ ?

ଏକଥା ଶୁଣି ଅନ୍ୟଜଣେ କହୁଛି- ମାଗଣାରେ ନୁହେଁ ଆଜ୍ଞା | ଗତକାଲି ପରା ମୁଁ ଦୁଇଶହ ଟଙ୍କା ଦେଇ ମୋ ସ୍ତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି | ଅନ୍ୟଜଣେ କହୁଛି- ଡାକ୍ତର ଆସିଲେ ବି କଅଣ ହେବ ? ତାଙ୍କ ପଛେ ପଛେ ଦୁଇଚାରି ମେଡ଼ିକାଲ୍ ରିପ୍ରେଜେଣ୍ଟାଟିଭ୍ ପଶିଯିବେ | ରୋଗୀ ବାହାରେ ଅପେକ୍ଷା କରି ସଢୁଥିବେ |

ଆଉ ଜଣେ କହୁଛି- ଆଜିକାଲି ନକଲି ଔଷଧ ତିଆରି କରୁଥିବା କମ୍ପାନୀଙ୍କ ସଂଖ୍ୟା ଏତେ ବଢ଼ିଗଲାଣି ଯେ ରୋଗୀ ସତରେ ଠିକ୍ ଔଷଧ ପାଇବ କି ନାହିଁ ସନ୍ଦେହ | ଶେଷରେ ଜଣେ ଦାର୍ଶନିକ ଭଙ୍ଗିରେ ନିଜର ଅନ୍ତିମ ମନ୍ତବ୍ୟ ଶୁଣାଉଛି- 'ଯାହା ବି ହେଉ, ଉପରବାଲା ସବୁ ଦେଖୁଛି | ଦିନେ ନା ଦିନେ ସେମାନେ ପାପର ଫଳ ପାଇବେ | ' ତା'ପରେ ସମସ୍ତେ ଚୁପ୍ ଓ ଶାନ୍ତ ହୋଇଯାଆନ୍ତି | ସମସ୍ତେ ଭାବନ୍ତି ସବୁ ସମସ୍ୟାର ସମାଧାନ ମିଳିଗଲା | କେବଳ ଅପେକ୍ଷାକର ଦେଖିବ କେଉଁ ପାପୀ, କେଉଁଭଳି ଫଳ (ଦଣ୍ଡ) ପାଉଛନ୍ତି?

ଆଉ ଗୋଟିଏ ଉଦାହରଣ ଦେଖିବା- ଆପଣ ଟ୍ରେନରେ ବସି ଯାତ୍ରା କରୁଥିବା ବେଳେ ଯାତ୍ରୀମାନଙ୍କ ମୁହଁରୁ ସରକାର, ପ୍ରଶାସକ, ବ୍ୟବସ୍ଥା, ନେତା, ମନ୍ତ୍ରୀ ଓ ଟ୍ରେନ୍ ବିଷୟରେ ଅନେକ ପ୍ରକାର ମନ୍ତବ୍ୟ ଶୁଣିବାକୁ ପାଇବେ | ଆପଣ ନିରବ ରହି ସେମାନଙ୍କ ବାର୍ତ୍ତାଳାପ ଶୁଣନ୍ତୁ ଏବଂ

ନିଜେ ବିଶ୍ଳେଷଣ କରନ୍ତୁ | ସମାଜରେ ବ୍ୟାପକ ଅବ୍ୟବସ୍ଥା, ତଳୁ ଉପରଯାଏଁ ବ୍ୟାପିଥିବା ଭ୍ରଷ୍ଟାଚାର, ଦିନକୁ ଦିନ ବୃଦ୍ଧିପାଉଥିବା ଦରଦାମ, ନେତା ଓ ମନ୍ତ୍ରୀମାନଙ୍କର ବୃଦ୍ଧିପାଉଥିବା କଳାଧନ ଉପରେ ସର୍ବସମ୍ମତି କ୍ରମେ ପ୍ରକାଶ ପାଉଥିବା ଘୋଷଣାରେ କଥା ଶେଷ ହେବ |

ପ୍ରତିଦିନ ଟିଭିରେ ପ୍ରସାରିତ ହେଉଥିବା ଖବର ଦେଖିବାକୁ ମିଳୁଛି- ଅମୁକ ନଦୀର ପୋଲ ନିର୍ମାଣାଧୀନ ହୋଇ ପାଞ୍ଚବର୍ଷ ବିତିଗଲାଣି କାମ ସରୁନାହିଁ | ଅମୁକ ସଡ଼କ ତିଆରି ହେବାର ଛ'ମାସ ନ ଯାଉଣୁ ବଡ଼ ବଡ଼ ଗାତ ଖୋଳି ହୋଇଗଲାଣି | ଅମୁକ ସ୍କୁଲ କିମ୍ବା ଡାକ୍ତରଖାନାର ଛାତ ଭୁଷୁଡ଼ି ପଡ଼ିଲାଣି |

ସ୍କୁଲ କଲେଜର ଶିକ୍ଷିତ ବୁଦ୍ଧିଜୀବି ଅଧ୍ୟପକ ଗୋଷ୍ଠୀ ହେଉ କିମ୍ବା ରାସ୍ତା କଡ଼ର ଚାହ ପାନ କରୁଥିବା ସାଧାରଣ ଜନତା ହେଉ, ସବୁଠାରେ ଆଲୋଚନାର ବିଷୟବସ୍ତୁ ଏକାଭଳି | 'ଆମ ଦେଶ ରସାତଳକୁ ଯାଉଛି | ଏହି ଦେଶକୁ ଉଦ୍ଧାର କରିବାକୁ କେହି ନାହିଁ | ' ସେମାନଙ୍କ ଭିତରୁ କେହି ନା କେହି ଭବିଷ୍ୟଦ୍ରଷ୍ଟା ନିଜର ଦାର୍ଶନିକ ମତ ଦେବେ | 'କଳି ଯୁଗ ଚାଲିଛି, ଅପେକ୍ଷା କର ପାପର ସୀମା ଅତିକ୍ରମ ହେଲେ ସ୍ବର୍ଗ(?)ରୁ କୌଣସି ନା କୌଣସି ଶକ୍ତି ଓହ୍ଲାଇ ଆସିବ ଏବଂ ସବୁ ଠିକ୍ କରିଦେବ | ଆପଣମାନେ କଣ ଗୀତାବଚନ ଭୁଲି ଯାଉଛନ୍ତି କି ?

ସଂକ୍ଷିପ୍ତରେ ଆମେ କହି ପାରିବା ଯେ ହଜାର ହଜାର ବର୍ଷରୁ ଭାରତୀୟ ଚିନ୍ତନ ପଦ୍ଧତି ଓ ଜନତାଙ୍କ ମାଣସିକ ସ୍ତରରେ ଏକ ଆଶ୍ବାସନା ଭରି ରହିଛି ଯେ ଦୁଷ୍ଟକୁ ସଂହାର କରି ଶିଷ୍ଟଙ୍କୁ ଉଦ୍ଧାର କରିବାପାଇଁ ସ୍ବର୍ଗରୁ ଦେବ ପୁରୁଷମାନେ ଆସିବେ | ଏଇଠି ପ୍ରଶ୍ନ ଉଠୁଛି ଯେ କେଉଁମାନେ ପ୍ରକୃତରେ ଶିଷ୍ଟ ଏବଂ ସେମାନଙ୍କ ସଂଖ୍ୟା ଦୁଷ୍ଟମାନଙ୍କ ଅପେକ୍ଷା ବେଶୀ ନା କମ ?

ଆମ ଚାରିପାଖରେ ଯାହା ଘଟଣା ବା ଅଘଟଣା ଘଟୁଛି ସେଥିପାଇଁ ଆମେ ପ୍ରତ୍ୟକ୍ଷଭାବରେ ସଚେତନ ନୁହଁ କିମ୍ବା କିଛି ପ୍ରତିକାରର ପନ୍ଥା ଚିନ୍ତା ବି କରୁନାହୁଁ | ଆମେ କୌଣସି ଦାୟିତ୍ବବୋଧ ଅନୁଭବ କରୁନାହୁଁ | ତଥାପି ଆମେ ନିଜକୁ ଶିଷ୍ଟ ଶ୍ରେଣୀରେ ଗଣନା କରିବାକୁ ଚାହୁଁଛୁ |

ଧର୍ମଗୁରୁମାନେ ପ୍ରବଚନ ଦେଇ କହନ୍ତି- ଏଇ ଦେଶ, ଏଇ ସମାଜ ଆଦିମ କାଳରୁ ନିଜର ଶୈଳୀରେ ହିଁ ଚାଲି ଆସିଛି, ଆଗକୁ ବି ଏମିତି ଚାଲିବ | ଏହାକୁ କୌଣସି ଗନ୍ତବ୍ୟସ୍ଥଳ ବା ଲକ୍ଷ୍ୟପର୍ଯ୍ୟନ୍ତ ନେଇଯିବାର କ୍ଷମତା ମଣିଷର ନାହିଁ | ପ୍ରକୃତିର ନିୟମ ଭଳି ସମାଜର ବି ଗୋଟିଏ

ଶାଶ୍ବତ ନିୟମ ରହିଛି | ଆମେ ତୁଚ୍ଛ ମଣିଷ ସେହି ନିୟମରେ ହସ୍ତକ୍ଷେପ କରିବା କାହିଁକି ? ଏହି ସୃଷ୍ଟିକୁ ତିଆରି କରିଥିବା ଈଶ୍ବର ହିଁ ଦିଶା ନିର୍ଦ୍ଦେଶ କରିବେ | ଆମେ ତ ନିମିତ୍ତ ମାତ୍ର | ଏହି ଦର୍ଶନ ଗୀତାରେ ବର୍ଣ୍ଣନା କରାଯାଇଛି | ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇ କହିଛନ୍ତି- ହେ ଅର୍ଜୁନ, ଏହି ସଂସାରର ସମସ୍ତ କର୍ମ ସ୍ବତଃ ହେଉଛି, କିନ୍ତୁ ତୁମେ ଭାବୁଛ ମୁଁ କର୍ମ କରୁଛି | ତୁମେ ହି ଯୁଦ୍ଧରେ ଯେଉଁମାନଙ୍କୁ ହତ୍ୟା କଲେ ଦୋଷୀ ହେବ ବୋଲି ଭାବୁଛ, ମୁଁ ସେମାନଙ୍କୁ ପ୍ରଥମରୁ ମାରିସାରିଛି | ତୁମେ ହତ୍ୟାକାରୀ ନୁହଁ, ତୁମେ ନିମିତ୍ତ ମାତ୍ର | ତୁମେ ଜଣେ ସାକ୍ଷୀଭାବେ ନିରପେକ୍ଷ ରୁହ | '

ଏହି ସାକ୍ଷୀଭାବ ସମସ୍ତ ଭାରତୀୟ ଧର୍ମର ମୂଳ ସଂଦେଶ ଅଟେ | ଭୌତିକ ଜଗତ ପ୍ରତି ଉଦାସୀନ ହୋଇ ଭାବ ଜଗତ ପ୍ରତି ଆଗ୍ରହ ରଖିବା କର୍ମପ୍ରତି ଅନାଶକ୍ତ ରହି ଧର୍ମପ୍ରତି ଆକର୍ଷିତ ହେବା, ବାସ୍ତବିକ ଜୀବନ ପ୍ରତି ବୈରାଗ୍ୟ ରଖି କାଳ୍ପନିକ ସ୍ବର୍ଗପ୍ରତି ଅନୁରାଗ ରଖିବା ସମସ୍ୟାର ସମାଧାନ ନ ଖୋଜି ହାତ ଯୋଡ଼ି ତଟସ୍ଥ ବା ନିରପେକ୍ଷ ରହିବା ହିଁ ଆମ ପାଇଁ ବତୀଖୁଣ୍ଟ ହୋଇ ରହିଛି | ଅନ୍ତିମ ଲକ୍ଷ୍ୟ ହେଉଛି ନିର୍ବିକଳ୍ପ ସମାଧି |

ହଜାର ହଜାର ବର୍ଷରୁ ଏହି ଅନାଶକ୍ତ ନିରପେକ୍ଷ ଭାବକୁ ହିଁ ସମସ୍ତେ ପାଳନ କରି ଆସିଛନ୍ତି | ଭାରତୀୟ ବୁଦ୍ଧିଜୀବିମାନେ ମାତ୍ର ଦୁଇଟି ପଥକୁ ସହଜ ଓ ସୁଗମ ବୋଲି ଭାବିଥାନ୍ତି | ପ୍ରଥମ ହେଉଛି- ଘର ପରିବାରର ଦାୟିତ୍ବରୁ ମୁକ୍ତହୋଇ ବୈରାଗୀ ସାଜି ବଣଜଙ୍ଗଲକୁ ଚାଲିଯାଅ | ଦ୍ବିତୀୟଟି ହେଉଛି- ତ୍ୟାଗ ନ କରି ଭୋଗ କରିବାପାଇଁ କୌଣସି ରାଜା ବା ଶାସକଙ୍କ ଆନୁଗତ୍ୟ ସ୍ବୀକାର କରିନିଅ | ଶାସକବର୍ଗଙ୍କ ସ୍ତୁତିଗାନ କରି ସମସ୍ତ ପ୍ରକାର ଭୌତିକ ସାଧନ ପାଇ ସୁଖରେ ଜୀବନ ଅତିବାହିତ କରି ପାରିବ | ଏହି ଦୁଇଟି ମାର୍ଗ ସମାଜପ୍ରତି ଉଦାସୀନ ଏବଂ ନିଜର ସ୍ବାର୍ଥନ୍ବେଷୀ ମନୋବୃତ୍ତିର ପରିଚାୟକ | ଏହି ଦୁଇଟି ମାର୍ଗରେ ସାମାଜିକ ପ୍ରତିବଦ୍ଧତା ଆଦୌନାହିଁ | ବୁଦ୍ଧିଜୀବିମାନଙ୍କୁ ଦେଖି ସାଧାରଣ ଜନତା ବି ଏହି ଦୁଇଟି ମାର୍ଗରେ ଚାଲିଛନ୍ତି | ସେମାନେ ହୁଏତ ଭଜନ କରୁଛନ୍ତି କିମ୍ବା ଭୋଜନ କରୁଛନ୍ତି |

ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଭାରତରେ କୌଣସି ସାମାଜିକ କ୍ରାନ୍ତି ହୋଇନାହିଁ | ମଝିରେ ମଝିରେ ଯଦିଓ କେବଳ ସତ୍ତା ପରିବର୍ତ୍ତନ ହୋଇଛି କିନ୍ତୁ ଧର୍ମରେ ସୁଧାର ଆଣିବାପାଇଁ କାହାରି ଦ୍ବାରା ଉଲ୍ଲେଖନୀୟ ପ୍ରୟାସ କରାଯାଇନାହିଁ | ଚାର୍ବାକଙ୍କ ଲୋକାୟତମତ ଯେମିତି ସମୟର

ଗର୍ଭରେ ଲୀନ ହୋଇଗଲା, ଗୌତମବୁଦ୍ଧଙ୍କ ମୂଳନୀତି ଓ ଆଦର୍ଶ ବି ସେହିଭଳି ହଜିଗଲା | ମୂର୍ତ୍ତିପୂଜାକୁ ବିରୋଧ କରୁଥିବା ବୁଦ୍ଧଙ୍କ ମୂର୍ତ୍ତି ଆଜି ବିଭିନ୍ନ ବୌଦ୍ଧବିହାରରେ ପୂଜା ପାଉଛି | ଧର୍ମର ଅପରିବର୍ତ୍ତନୀୟ ସ୍ଥିତିକୁ ନେଇ ଅନେକ ବ୍ୟକ୍ତି ଗର୍ବ ଅନୁଭବ କରୁଛନ୍ତି | ସେମାନଙ୍କ ତର୍କ ହେଉଛି ଯେହେତୁ ଧର୍ମ ହିଁ ସତ୍ୟ, ତେଣୁ ପରିବର୍ତ୍ତନ ହୋଇ ପାରିବ ନାହିଁ | ଦୁନିଆର ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିଲେ ବି ଧର୍ମୀୟ ବିଚାରଧାରାରେ ବିଶେଷ ପରିବର୍ତ୍ତନ ଘଟିନାହିଁ | ଯଦିବା କେଉଁଠି କୌଣସି ବୁଦ୍ଧିବାଦୀ ବା ହେତୁବାଦୀ ପ୍ରଶ୍ନ କରିବାକୁ ଦୁଃସାହାସ କରୁଛନ୍ତି, ତେବେ ତାଙ୍କୁ ମୌଳବାଦୀମାନଙ୍କ ଦ୍ବାରା ଭୀଷଣ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି | ଅତୀତରେ ଏହି କାରଣରୁ ଦୁନିଆର ଅନେକ ପ୍ରତିଭାଶାଳୀ ବୈଜ୍ଞାନିକ, ଦାର୍ଶନିକ, ବୁଦ୍ଧିଜୀବି ବ୍ୟକ୍ତିମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ହୋଇଛି | କିନ୍ତୁ ବିଶ୍ବସଭ୍ୟତାର ଗତିଶୀଳତାକୁ ନିରୀକ୍ଷଣ କରି ଏହାର କାରଣକୁ ବୁଝିପାରୁଥିବା ବୁଦ୍ଧିଜୀବିମାନେ ଭଲଭାବରେ ଜାଣିପାରୁଛନ୍ତି ଯେ ଧର୍ମୀୟ ସ୍ଥିରତାର ଅର୍ଥ ହେଉଛି ନିର୍ଜୀବ ସମାଜର ଲକ୍ଷଣ | ପରିତାପର ବିଷୟ ହେଉଛି ଯେ- ଭାରତୀୟ ଧର୍ମୀୟ ମତ ଭିତରେ ରହିଥିବା ଅନେକ ବିବିଧତା ଏବଂ ମତପାର୍ଥକ୍ୟକୁ ଦୂର କରି ମାନବିକତାକୁ ସୃଷ୍ଟି କରିବାକୁ ଯିଏବେ ବି ଚେଷ୍ଟା କରିଛି, ପରବର୍ତ୍ତୀ କାଳରେ ତାଙ୍କ ମତକୁ ଅନ୍ୟ ଏକ ଧର୍ମୀୟ ସଂପ୍ରଦାୟର ମତ ହିସାବରେ ଯୋଡ଼ି ଦିଆଯାଇଛି | କାରଣ ତାଙ୍କର ସମର୍ଥକ ଗୋଷ୍ଠୀ ତାଙ୍କୁ ଜଣେ ସମାଜ ସୁଧାରକ ନ ମାନି ଜଣେ ଅବତାର ପୁରୁଷ ବୋଲି ମାନିଲେ | ଏହି ଭଳି ଆମ ଦେଶରେ ନୂଆ ନୂଆ ସଂପ୍ରଦାୟର ଗଠନ ହୋଇଛି | ଆଜି ଆମ ଦେଶରେ ଏହି ଭିନ୍ନତା ଯୋଗୁଁ ଧର୍ମନିରପେକ୍ଷ ଭାବ କେବଳ ଦେଖାଇବା ପାଇଁ ରହିଛି | ଭିତରେ ଭିତରେ ପ୍ରତ୍ୟେକ ସଂପ୍ରଦାୟ ପରସ୍ପରକୁ ଈର୍ଷା ଓ ଘୃଣା କରିଥାନ୍ତି |

ସାମାଜିକ ପ୍ରତିବଦ୍ଧତାର ଅଭାବ ବ୍ୟକ୍ତିକୁ ଆତ୍ମକୈନ୍ଦ୍ରିକ ଏବଂ ଅଳସୁଆ କରିବା ସହିତ ସମାଜକୁ ବି ନିର୍ଜୀବ ଓ ସ୍ଥାଣୁ କରିଦେଉଛି | ପ୍ରତ୍ୟେକ ନାଗରିକ ସମାଜର ଭଲମନ୍ଦ ପ୍ରତି ଯଦି ଉତ୍ତରଦାୟୀ ବୋଲି ଅନୁଭବ କରନ୍ତି, ତେବେ ହିଁ ସମାଜରେ କିଛି ନୂଆ ଉପାୟର ଆବିଷ୍କାର ହେବ, ତା'ଉପରେ ପରୀକ୍ଷଣ ହେବ, ଗବେଷଣା ହେବ, ଏବଂ ସମାଜକୁ ନୂତନ ଜୀବନଶୈଳୀ ମିଳିପାରିବ |

ଗୋଟିଏ ଉଦାହରଣ ଦେଖନ୍ତୁ – ଶହ ଶହ ବର୍ଷଧରି ମ୍ୟାଲେରିଆ ରୋଗ ଭାରତ ତଥା

ଅନ୍ୟ ଉଷ୍ମଜଳବାୟୁ ଦେଶ ମାନଙ୍କରେ ବ୍ୟାପକ ରୂପେ ରହିଛି | ଆମ ଦେଶରେ ଆଧୁନିକ ଶିକ୍ଷାପ୍ରାପ୍ତ ଡାକ୍ତରମାନଙ୍କର ଅଭାବ ନାହିଁ | କିନ୍ତୁ କେହି ମ୍ୟାଲେରିଆ ରୋଗର କାରଣ, ନିରାକରଣ ଖୋଜିବାକୁ ପ୍ରୟାସ କରିନଥିଲେ | ଜଣେ ଇଂରେଜ ଡାକ୍ତର 'ସାର୍ ରୋନାଲ୍ଡ଼ ରସ୍' ଭାରତରେ ଆସି ରୋଗୀ ସେବା କରୁଥିବା ବେଳେ ଏହି ରୋଗର ଭୟାବହ ପରିଣାମ ଦେଖି କାରଣ ଖୋଜିବା ପାଇଁ ଲାଗିପଡ଼ିଲେ | ଦୀର୍ଘ ପାଞ୍ଚବର୍ଷ ଧରି ପ୍ରତିଦିନ ଅଠରଘଣ୍ଟା ପରିଶ୍ରମ କରି ଶେଷରେ ସେ 'ଆନୋଫିଲିସ୍' ମଶାର ଆମାଶୟ ଭିତରେ ଲୁଚି ରହୁଥିବା ମ୍ୟାଲେରିଆ ଜୀବାଣୁର ସନ୍ଧାନ ପାଇଲେ | ତା'ପରେ ସେଇ ରୋଗର ଉପଯୁକ୍ତ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ବି ହୋଇପାରିଲା |

ଭାଗ୍ୟବାଦ ଓ ଅବତାରବାଦ ଭଳି ଭିତ୍ତିହୀନ ବିଶ୍ୱାସ ଯୋଗୁଁ ଆଜି ବି ଭାରତ ବୈଜ୍ଞାନିକ ଆବିଷ୍କାର ଓ ଉଦ୍‌ଭାବନ କ୍ଷେତ୍ରରେ ଅନେକ ପଛରେ ରହିଛି | ମାନବ ଜାତିର ଜ୍ଞାନଭଣ୍ଡାରକୁ କୌଣସି ମୌଳିକ ଏବଂ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଦେଇ ପାରିନାହିଁ | ଧର୍ମଶାସ୍ତ୍ର ମାନଙ୍କରେ ଲିଖିତ ତଥ୍ୟକୁ ମାନବ ଜାତିର ହିତପାଇଁ ଜଗତକୁ ଆମେ ଦେଇଛୁ ବୋଲି ଯେଉଁ ଦାବୀ କରାଯାଉଛି ତାହା ସର୍ବୋତ ଭାବେ ସମ୍ମତି ପାଉନାହିଁ | କାରଣ ଧର୍ମଶାସ୍ତ୍ରମାନଙ୍କର ପରସ୍ପର ବିରୋଧୀ ମତକୁ କିଏ ବା କିପରି ଗ୍ରହଣ କରିବ?

ଆମେ ଆମର ସାମାଜିକ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଦାୟୀ କରୁଛୁ | ସରକାର କିଛି ନ କଲେ ନିରୁପାୟ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଛୁ | କିନ୍ତୁ ନିଜେ କୌଣସି ଦାୟିତ୍ୱ ତୁଲେଇବାକୁ ଇଚ୍ଛା ରଖୁନାହୁଁ | ଆସନ୍ତୁ ଆମେ ପଳାୟନବାଦୀ, ଆତ୍ମକୈନ୍ଦ୍ରିକ ମନୋବୃତ୍ତି ତ୍ୟାଗକରି କିଛି ନୂଆ ଉପାୟ ଚିନ୍ତା କରିବା, ଯାହା ଫଳରେ ଗୋଟିଏ ନୂଆ ସଭ୍ୟ, ସଂସ୍କୃତ ଓ ସୁସ୍ଥ ସମାଜର ଗଠନ ହୋଇ ପାରିବ |

# ଯାଯାବରର ଘର

ପ୍ରିୟରଞ୍ଜନ୍ ଦାଶ

ଉର୍ବଶୀର ସଂସାର କଲା ଭଳି
ଯାଯାବରକୁ ଘର କରିବାର ଅନୁମତି ମିଳିନି
ଯାଗା ମିଳେନି....
କେହି ସାହାଯ୍ୟ କରେନି
ରହିବା ପାଇଁ ଯାଗା ତ ଦର୍କାର
ଯାଯାବର ଘୁରିବୁଲେ ଆଶ୍ରୟର ସନ୍ଧାନରେ
ମହଲ ତା ଭାଗ୍ୟରେ ନାହିଁ
ତଥାପି କେବେ କେବେ ମହଲର ସ୍ୱପ୍ନ ସିଏ ଦେଖି ଦିଏ..
ଅନେକ ଥର ଅନେକ ଭାଙ୍ଗନ୍ତି ତାର ସ୍ୱପ୍ନ
ସିଏ ସ୍ୱପ୍ନ ଦେଖିବାର ଅଭ୍ୟସ ବି ଛାଡି ଦିଏ

କେବେ କେବେ ପୁଣି କାହାର  କଥା ରେ
ସିଏ ଅଟକି ଯାଏ....
ସ୍ୱପ୍ନ ଦେଖିବା ଆରମ୍ଭ କରି ଦିଏ...
ହଠାତ୍ ପୁଣି ତାର ସ୍ୱପ୍ନ ଭାଙ୍ଗି ଯାଏ
ଆଶା ତାର ତୁଟି ଯାଏ...
ଯେତେବେଳେ ସିଏ ଜାଣେ
ତାକୁ ଯେଉଁ ମହଲର ଭରସା ଦିଆ ଯାଇଥିଲା
ସେଠି ଆହୁରି ଅନେକେ ରହନ୍ତି..
ସ୍ଥାୟୀ ଭାବରେ..
ଯାଯାବର ହେଲେ ବି ତାକୁ ସାଲିସ୍ ଆସେ ନି
ପୁଣି ଆଗେଇ ଚାଲେ ଲକ୍ଷ୍ୟହୀନ ଭାବରେ
ତାର ସ୍ୱପ୍ନ ଭାଙ୍ଗି ଥିବାରୁ ତାର କାହା ପାଖରେ ଅଭିଯୋଗ ନାହିଁ
କାରଣ ତାକୁ ଜଣା
ତା'ର ଏ ସ୍ୱପ୍ନ ଅନୈତିକ.....
ତାକୁ ସ୍ୱପ୍ନ ଦେଖିବାକୁ ଅନୁମତି ମିଳିନି...........

# କିଛି ପରବାୟ ନାହିଁ



ସୁନୀଲ୍ ମିଶ୍ର

ବଢିଲା ତେଲ, ବଢେ ଚାଉଳ
ଗଲାଣି ସବୁ ବଢି ,
ଦରମା କଥା ପଚାରି ଦେଲେ
ଚାକିରୀ ଦିଅ ଛାଡି ;
ତଥାପି ଆମେ ସପନ ଦେଖୁ
ନେତାଙ୍କ ମୁହଁ ଚାହିଁ . . .
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ ; ;
ବଢି ଚାଲିଚି ହତ୍ୟା ଧର୍ଷଣ
ଅପରାଧ ସଙ୍ଗେ ସ୍କାମ୍, ଶୋଷଣ ,
ତଳ କୁ ଖସେ ଦିନ କୁ ଦିନ
ବିଶ୍ୱ ଆଖି ରେ ଓଡିଶା ସ୍ଥାନ ;
ତଥାପି ଆମେ ଭାଷଣ ଶୁଣୁ
ସମୃଦ୍ଧ ଓଡିଶା ପାଇଁ . . .
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ ; ;
ହାତୀ ମଲା , ବାଘ ମଲା
ବିଧାନ ସଭା ରେ ହୋ ହଲ୍ଲା,
ମଣିଷ ମଲେ ବୁଝୁଚି କିଏ
ସର୍ବେ ଦେଖନ୍ତି ନୀରବ ପାଲା;
ପାଣି ପାଇଁ ରକତ ନଦୀ
ଯାଉଚି ବହି ବହି . . .
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ ; ;
ବିଧାନସଭା ହସ୍ତିନାପୁର
ପି.ଏମ୍.ଜି. ପାଖ କୁରୁକ୍ଷେତର ,
ପୁଲିସି ଜନତା କୌରବ-ପାଣ୍ଡବ

ଅସ୍ତ୍ର ଲାଠି,ଗୁଳି,ଢେଲା, ପଥର ;
ଏମିତି ଗଲା ବରଷ ସାରା
ଚେତିବା ବେଳ କାହିଁ ?
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ ; ;
ଗରିବ ମରୁଚି, ଗରିବୀ ମାରୁଚି
କୋଟା ଡରଉଚି , ଚାକିରୀ ଡରୁଚି ,
ବିଦ୍ରୋହୀ ର ସ୍ୱର ସ୍ପଷ୍ଟ ଶୁଭୁନାହିଁ
ବିପ୍ଳବୀ ହାତ ରେ କଲମ ଥରୁଚି ;
ଏହିପରି ସବୁ ଚାଲିଚି ଚାଲିବ
ଭୋଟ୍ ବ୍ୟାଙ୍କ୍ ପାଇଁ . . .
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ
ଯାହା ହେଇଚି ଭଲ ହେଇଚି
ଏହି କଥା କୁ ହେଜି,
ଦୁଃଖ ଶୋକ କୁ ବିଦାୟ ଦେବା
ବିଭୁ ନାମ କୁ ଭଜି ;
ନୁତନ ବର୍ଷ ସବୁରି ପାଇଁ
ଆନନ୍ଦ ଆସୁ ନେଇ . . .
ପୁରୁଣା ବର୍ଷ ଗଲେ ଯାଉ କିଛି ପରବାୟ ନାହିଁ ; ;

# ରାଶିଫଳ



ଅକ୍ଷୟ କୁମାର ରାଉତ

ମାଧବାବୁ ସକାଳୁ ସକାଳୁ ପୋଖରୀରେ ବୁଡ଼ମାରି, ଗ୍ରାମ ଦେବତୀଙ୍କ ମନ୍ଦିରରେ ମଥାଟେକି ଘରେ ପହଞ୍ଚିଲା ବେଳକୁ ପ୍ରାୟ ଛଅଟା ହୋଇଯାଇଥିଲା । ଆଜି ଟିକେ ଉଛୁର ହୋଇ ଯାଇଥିଲା ମଧ ମାଧବାବୁଙ୍କ । ଏତେ ବେଳକୁ ସେ ଘରେ ପୂଜାପାଠ ସାରି ଟିଭି ପାଖରେ ହେବା କଥା । ଟିଭିରେ ଦୈନିକ ରାଶିଫଳ ନ ଦେଖିଲେ ତାଙ୍କ ଭାତ ହଜମ ହୁଏନି କି ଦିନଟା ମଧ ଭଲରେ କଟେନି । ଆଜି କାର୍ତ୍ତିକ ମାସ ପ୍ରଥମ ସୋମବାର, ମାଧବାବୁ ପ୍ରତିଦିନ ଘରେ ଠାକୁର ପୂଜା କରନ୍ତି କିନ୍ତୁ ଆଜି ଭୋରରୁ ଉଠିଥିବା ସତ୍ତ୍ୱେ ଉଛୁର ହେବା ଦୃଷ୍ଟିରୁ ପୂଜାର ଗୁରୁ ଦାୟିତ୍ୱଟା ଶ୍ରୀମତିଙ୍କୁ ଦେଇ ନିଜେ ଟିଭି ସାମନାରେ ବସିଗଲେ ।

ରାଶିଫଳ କ'ଣ ଭାଗ୍ୟକୁ ବଦଳାଇ ଦିଏ ନା ସ୍ଥିର ତାକୁ ଚଳନଶୀଳ କରିଦିଏ । ଭାଗ୍ୟକୁ ବଦଳାଇବାର ଶକ୍ତି ଯଦି ମଣିଷ ପାଖରେ ଥାଆନ୍ତା ତେବେ ସେ ଦେବ ସ୍ଥଳକୁ ମଧ କ୍ଲବ୍ କିମ୍ବା ମଦ ଭାଟିରେ ପରିଣତ କରି ଦିଅନ୍ତା ।

ରାଶିଫଳ ଦେଖି ମଣିଷ ନିଜର ସୁପ୍ତ ଆତ୍ମାକୁ ଜାଗ୍ରତ କରେ ନା' ମରିଚିକା ପଛରେ ଧାଇଁବା ପାଇଁ ପ୍ରେରଣା ପାଏ । ନା ଏହା ଏକ ଅନ୍ଧ ବିଶ୍ବାସ ? ଏହି ପ୍ରଶ୍ନର ଉତ୍ତର କେହି କେବେ ଖୋଜିବାକୁ ଚେଷ୍ଟା କରିନାହାନ୍ତି । ମାଧବାବୁ ବା ସେଥିରୁ ବାଦ୍ ଯିବେ କେମିତି । ଆଜି ସେମିତିରେ ବି ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିନ । ଆସି ବଡ଼ ଝିଅ ସୌମ୍ୟାର ବାହାଘର ପାଇଁ ନିର୍ବନ୍ଧ ହେବ ବୋଲି ସ୍ଥିର ହୋଇଛି । ସେଥିପାଇଁ ମାଧବାବୁ ପୁରାଦିନ କାମରେ ଲାଗିରହିବେ । ଆଉ କିଛି ସମୟପରେ ବନ୍ଧୁବାନ୍ଧବ ସାହିପଡ଼ିଶା ସବୁ ଆସି ଜମା ହେବେ । ଓଠରେ ଗରମ ଚାହା କପର ଉତ୍ତାପକୁ ପରଖି ପରଖି ସେ ଆଜିର ପଞ୍ଜିଙ୍ଗ ପ୍ରତି ଦୃଷ୍ଟିପାତ କଲେ । ସେ ଜାଣନ୍ତି ପ୍ରଥମେ ମେଷ, ବୃଷ କ୍ରମରେ ତାଙ୍କ ରାଶି ବୃଶ୍ଚିକ ସାତ ନମ୍ବରରେ ଆସିବ । ତଥାପି ସେ ସବୁ ରାଶିର ଦିନଫଳ ଦେଖନ୍ତି ।

ଟିଭି ପରଦାର ଜ୍ୟୋତିଷ ମହାଶୟ ଗୋଟି ଗୋଟି ସମସ୍ତ ରାଶି ବିଷୟରେ କହିବା ଆରମ୍ଭ କଲେ । ମେଷ ରାଶି - ସନ୍ତାନର ଅସଫଳତା ଆପଣଙ୍କୁ ନିରାଶ କରିବ । ନିଜର ସମ୍ମାନକୁ ଜଗିରଖି ଚଳନ୍ତୁ । ଗୁପ୍ତ ଶତ୍ରୁ ସକ୍ରିୟ । ' ଜ୍ୟୋତିଷ ମହାଶୟ ଅନ୍ୟ ରାଶି ବିଷୟରେ କହିବା ପୂର୍ବରୁ ମାଧବାବୁ 'ଓହୋ, ଚୁ ଚୁ ଚୁ' କହି ପକେଇଲେ । ଯଦି କୌଣସି ରାଶିର ଭଲଫଳ ଥାଏ ତ ମାଧବାବୁ

କଚେପୁଅବାର କହି ନିଜର ଖୁସି ବ୍ୟକ୍ତ କରନ୍ତି | ଦଶ ମିନିଟର ପ୍ରତିକ୍ଷା ତାଙ୍କୁ ଏକ ପ୍ରହର ଭଳି ଲାଗେ ଆଜି ଆହୁରି ଅଧିକ ଲାଗୁଛି | ଏତେ ସମୟ କାହିଁକି ଲାଗୁଛି ବୋଲି ସେ ବିରକ୍ତ ହେଉଛନ୍ତି | ଗୁଣୁଗୁଣୁ ହୋଇ କହୁଛନ୍ତି, କୋଉ ଖଡ଼ିରେ ଗଣନା କରୁଚ ଯେ ଏତେ ସମୟ ଲାଗୁଛି ? ଲାପ୍‌ଟପକୁ କ୍ଲିକ୍ କଲେ ସବୁ ଆସିଯାଉଛି |

ଏଇ ସମୟରେ ଟିଭି ରେ ଜ୍ୟୋତିଷ ମହାଶୟ କହିଲେ - ବୃଶ୍ଚିକ ରାଶି | 'ଶୁଭ ଲଗ୍ନ, ଭାଗ୍ୟ ଆପଣଙ୍କ ସାଥିରେ | ରାଜଯୋଟକ ଯୋଗ | ଆଜି ଆପଣ ଏକ ଗୁରୁତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ କରିବେ | ' ରାଶିଫଳ କଥା ଶୁଣି ମାଧବାବୁ ବହୁତ୍ ଖୁଶି | ଖବର କାଗଜଟି ଦାଣ୍ଡ ପିଣ୍ଡାରେ ପକେଇ ଦେଇ ଚାଲିଗଲା ହକର୍ | ସେଇ ଖବର କାଗଜ ଉଠେଇ ଆଣିଲେ ମାଧବାବୁ | ଖବର କାଗଜରେ ମଧ ରାଶିଫଳ ବାହାରେ | ସେଇଟାକୁ ପଢ଼ିଦେଇ ପୁରା ଖୁସି ହେଇଗଲେ | ସବୁଠି ସେଇ ଏକା କଥା | ସବୁ ଶୁଭାଶୁଭ ହେବ | ବଡ଼ ପାଟି କରି ଶ୍ରୀମତିଙ୍କୁ ଜଣେଇଦେଲେ | ଚାହାଟିଏ ଆଉ ମିଳିବକି ବୋଲି ପଚାରୁଥିଲେ, ଏଇ ସମୟରେ ଝିଅର ବାହାଘରର ମଧ୍ୟସ୍ଥିତା କରିଥିବା ରତ୍ନାବାରିକ ବାବୁ ଆସିଲେ | ବାରିକ ବାବୁଙ୍କୁ ଦେଖି ମାଧବାବୁ କହିଲେ, 'ଶୁଣ ଦୁଇ କପ୍ ଚାହା ନେଇ ଆସ | ରତ୍ନାକର ବାବୁ ଆସିଛନ୍ତି | ଟିକେ ଜଳପାନର ବ୍ୟବସ୍ଥା ହେଉ | ଶୁଣ ନିର୍ବନ୍ଧ ପାଇଁ ଯେଉଁ ମିଠା ଆଣିଛି, ସେଥିରୁ କିଛି ବାହାର କରି ଆଣ | '

ମାଧବାବୁ କଥା ସରେଇ ଦେଇ ରତ୍ନାକର ବାବୁଙ୍କୁ ଚାହିଁ କହିଲେ, 'ଆଜି ଦିନଟା ଭାରି ଭଲ | ଏଇ ଟିଭିରେ ବି କହୁଥିଲା, ପେପର୍ ରେ ବି ବାହାରିଛି | ଆଉ ହେଇ ଦେଖୁ ଦେଖୁ ଆପଣ ବି ଆସିଗଲେଣି | '

ରତ୍ନାକର ବାବୁ ଭାରି ଅପ୍ରସ୍ତୁତ ହୋଇପଡୁଥିବା ଦେଖି ମାଧବାବୁ ପଚାରିଲେ, 'କଣ ହେଲା ରତ୍ନାକର ବାବୁ | ପୁଅଘର ତରଫରୁ ଆଉ କିଛି ସନ୍ଦେଶ ଆଣିଛନ୍ତି କି ? ଯଦି ସେମାନେ କିଛି ଯୌତୁକ ଦାବୀ କରୁଥାନ୍ତି ତ କହିଦିଅ, ମୁଁ ମୋ ଝିଅକୁ ଏତେ ଦେବି ଯେ ସେମାନେ ଭାବିନଥିବେ | '

ରତ୍ନାକର ବାବୁ କହିଲେ, 'ନାଇଁ ସେଇମିତି କିଛି ନାହିଁ | ହେଲେ କେମିତି କହିବି ଭାବି ପାରୁନି | '

ମାଧବାବୁ ହାତରେ ଚାହା କପ୍ ଆଉ ମିଠା ଗିନାଟାଏ ଦେଇ ଶ୍ରୀମତି ସେଇଠି ଛିଡ଼ା ହୋଇଥିଲେ, ରତ୍ନାକର ବାବୁଙ୍କ ଆଡକୁ ମିଠା ଗିନାଟା ବଢ଼େଇ ଦେଉଥିଲେ ମାଧବାବୁ, ସେ ଠିଆ ହୋଇପଡ଼ିଲେ ଆଉ କହିଲେ, ଆଜ୍ଞା, ଯୋଉ ପ୍ରସ୍ତାବ ମୁଁ ନେଇ ଆସିଥିଲି, ସେ ପିଲାଟା କାଲି ରାତିରେ ଗୋଟେ ଝିଅକୁ ନେଇ ଫେରାର୍ ହେଇ ଯାଇଛି | '

ମାଧବାବୁଙ୍କ ହାତରୁ ମିଠା ଗିନାଟା ତଳେ ଖସି ପଡ଼ିଥିଲା | ଚାହା କପରୁ ଚାହା ପଡ଼ି ଖବର କାଗଜଟା ଓଦା ହୋଇଯାଇଥିଲା | ସେଇଥିରେ ରାଶିଫଳ ସବୁ ଓଦା ହେଇ ଲିଭିଗଲାପରି ଲାଗୁଥିଲା | ରିମୋଟ୍ ଉଠେଇ ମାଧବାବୁ ଟିଭିଟା ବନ୍ଦ କରିଦେଇ ଘର ଭିତରକୁ ଚାଲିଯାଉଥିଲେ |

# ପାର୍ବଣରେ ମା' ର ଭେଟ



ରଶ୍ମୀ ରଞ୍ଜନ ଦାଶ

ଅନନ୍ତକୋଟି ବ୍ରହ୍ମାଣ୍ଡ ହୋଇଥିଲା ଆନନ୍ଦରେ ଅଧିର | କାଶତଣ୍ଡୀ ଗାଉଥିଲା ଆଗମନୀର ସୁଗମ ସଙ୍ଗୀତ | ସୁନୀଳ ଅମ୍ବର ତୋରଣ ସାଜି ସତେ ଯେମିତି ସ୍ୱାଗତ କରୁଥିଲା ମହାମାୟୀ ଜଗଜ୍ଜନନୀ ବିଷ୍ଣୁମାୟା ଦୂର୍ଗତିନାଶିନୀ ଦୂର୍ଗା ଙ୍କୁ | ତିଥି ଥିଲା ମହାଳୟା| ପିତୃପକ୍ଷାନ୍ତେ ମାତୃପକ୍ଷର ଆୟମାରମ୍ଭ ର ସମୟ | ଏମିତି ଏକ ପାବନ ଓ ଆନନ୍ଦମୟ ମୁହୂର୍ତ୍ତ ରେ ଚେନ୍ନାଇ ମହାନଗରୀ ର ଏକ କୋଠରୀ ରେ ଶୋଇରହିଥିଲି ମୁଁ | ଦେହ ମୋର କମ୍ପୁଥିଲା ଖଇଫୁଟା ଜ୍ୱରରେ | ପାଖରେ ଆହା କହିବା ପାଇଁ କେହି ନାହାନ୍ତି ବା ଥିଲେ ବି ନିଜର କର୍ମବ୍ୟସ୍ତତତା ହେତୁ ଇଚ୍ଛା ଥାଇବି ପାଖରେ ରହି ପାରୁ ନଥାନ୍ତି | ଭାରି ଏକା ଏକା ଲାଗୁଥାଏ ମନେ ପଡିଯାଉ ଥାଏ ଘର କଥା ମା' ଙ୍କ କଥା, ଛାତି ଭିତରଟା ଥରି ଉଠୁଥିଲା ଅତ୍ୟନ୍ତ ଆକୁଳରେ | ମନ ଚାହୁଁ ଥିଲା ମା' ମୋର ପାଖରେ ଥାଆନ୍ତେ କି, ମୁଣ୍ଡ ରେ ଟିକେ ହାତ ମାରି ଦଉଥାନ୍ତେ | ଗୋଡ଼ହାତ ଯନ୍ତ୍ରଣାରେ ଫାଟି ପଡୁଥିଲା ବେଳେ ଟିକେ ଆଉଁସି ଦେଇଥାନ୍ତେକି, ହଁମ୍....(ଦୀର୍ଘଶ୍ୱାସ..) କର୍ତ୍ତବ୍ୟର ଆହ୍ୱାନରେ ଆଜି ଯେ ଆମେ ସବୁ ଅଭିଶପ୍ତ | ମା' ଥାଇବି ମା'ର ସ୍ନେହ ପଣତରୁ ବଞ୍ଚିତ | କାରଣ ଘରଠାରୁ ଆମେ ସହସ୍ରାଧିକ କିଲୋମିଟର ଦୂରରେ | ସେ ଯାହା ହେଉ | ମନର କୋହକୁ ମନର ଆବେଗକୁ ଚାପି ରଖିବା ଛଡ଼ା ଆଉ କିଛି ଉପାୟ ବି ନଥାଏ | ଭାବିଲି ବୋଧେ ଦେହଟା ଭଲ ହୋଇଯିବ | ଯେହେତୁ ପେଷାରେ ଜଣେ ଫାର୍ମାସିଷ୍ଟ | ନିଜର ଅର୍ଜିତ ଜ୍ଞାନକୁ ପ୍ରୟୋଗ କରି ଔଷଧ ଆଣି ଖାଇଲି | କିନ୍ତୁ ଦିନୁ ଦିନ ଜ୍ୱର ବଢିଲା ପଛେ କମିବାର ନାଁ' ଧରିଲାନି | ଫୋନରେ ମୋ ଫ୍ୟାମିଲି ଡ଼କ୍ଟରଙ୍କ ସହ କଥା ହେଲି | ସେ ମଧ୍ୟ ମୁଁ ଖାଉଥିବା ଔଷଧକୁ ଚାଲୁ ରଖିବା ପାଇଁ ପରାମର୍ଶ ଦେଲେ | ତାହାହିଁ କଲି କିନ୍ତୁ ତଥାପି ଜ୍ୱର କମିଲା ନାହିଁ | ଧିରେ ଧିରେ ବହୁତ ଦୂର୍ବଳ ହେଇଗଲି | ଖାଦ୍ୟ ଜମା ଖାଇପାରିଲିନି | ଭାବିଲି ଆଉ ଏଠି ଏ ଅବସ୍ଥାରେ ପଡ଼ିରହିବା ବୋଧେ ମୋ ପକ୍ଷରେ ସମ୍ଭବ ହେବନାହିଁ | ଏଇ କଥା ଭାବି ତଥା ଘରେ ମା' ବାପାଙ୍କ ବ୍ୟସ୍ତତାକୁ ଲକ୍ଷ କରି ଘରକୁ ଯିବାକୁ ନିଷ୍ପତ୍ତି ନେଲି | ତତ୍କାଳ ଟିକେଟ ଖଣ୍ଡେ କାଟି ବାହାରିଲି ଘର ଅଭିମୁଖେ | କିନ୍ତୁ ଟ୍ରେନରେ ଯାତ୍ରାପଥରେ ପୁନଃଶ୍ଚ ଅତ୍ୟଧିକ ଜ୍ୱର ହେତୁ ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇଲି (ପାଠକ ମାନଙ୍କୁ ସୂଚାଇ ଦେବାକୁ ଚାହେଁ ଯେ ମୁଁ ବ୍ରହ୍ମପୁରରେ ହିଁ ମୋର ସ୍ନାତକତ୍ତୋର ଶିକ୍ଷା ସମାପ୍ତ କରିଥିଲି ତେଣୁ ସେ ସହର ମୋର ଚିହ୍ନା ଓ ନିଜର) | ଘର ସୁଦୂର ମୟୂରଭଞ୍ଜରେ ତେଣୁ ଭାବିଲି କୌଣସି ଜଣେ ବନ୍ଧୁଙ୍କ ପାଖରେ କିଛି ସମୟ ବିଶ୍ରାମ ନେଇ ପୁନଃଶ୍ଚ ଯାତ୍ରା କରିବି |

କିନ୍ତୁ ଜ୍ୱରର ପ୍ରାବଲ୍ୟ ହେତୁ ତାହା ମଧ୍ୟ ସମ୍ଭବପର ହେଇପାରିଲା ନାହିଁ | ବାଧ୍ୟ ହୋଇ ଷ୍ଟେସନର ଶୟନାଗାରରେ ବେଡ୍‌ଟିଏ ବୁକ୍ କରି ସେଇଠି ହିଁ ଶୋଇରହିଲି | ଦିନ ବଢିବା ସହ ଜ୍ୱର ମଧ୍ୟ ବଢି ଚାଲିଥାଏ | ଧିରେ ଧିରେ ଘରକୁ ଯାଇପାରିବାର ସାହସ ବି ମୁଁ ହରାଇ ବସୁଥାଏ | ଏଇଠି ମୁଁ ଧନ୍ୟବାଦ ନଦେଇ ରହି ପାରୁନି ବ୍ରହ୍ମପୁର ଷ୍ଟେସନ ଶୟନାଗାରର ଦାୟୀତ୍ୱରେ ଥିବା ସେଇ ମାଉସୀଙ୍କୁ ଯିଏ କି ନିଜର ନହେଲେ ବି ନିଜରଠୁ ଅଧିକା ହେଇଯାଇଥିଲେ ସେଦିନ ମୋ ପାଇଁ | ଯତ୍ନ ନେଇଚାଲିଥିଲେ ମୋର ନିଜ ଲୋକଟିଏ ପରି | ସତରେ ମାଉସୀ ତୁମେ ନଥିଲେ ହୁଏତ ମୁଁ ସେଦିନ ଘରକୁ ଆସି ପାରିନଥାନ୍ତି | ଏ ସବୁଭିତରେ ବି ଜ୍ୱର କମିବାର ନା ଗନ୍ଧ ଧରୁ ନଥାଏ | ଦେହର ତାତି ଏତେ ଅଧିକ ଥାଏ ଯେ ବିଛଣା ମଧ୍ୟ ଭଜା ବାଲି ପରି ଗରମ ହେଇଯାଇଥାଏ | ନା ସାଧଥାଏ କାହାକୁ ଫୋନ କରିବା ପାଇଁ ନା ସାଧ ଥାଏ ଡ଼ାକ୍ତରଖାନା ଯିବା ପାଇଁ | ବାପା–ମାଆ ବ୍ୟସ୍ତ ହୋଇ ବାରମ୍ବାର ଫୋନ୍ କରୁଥାନ୍ତି | ବାଧ୍ୟ ହୋଇ ମୁଁ ଭଲ ଅଛି ବୋଲି ତାଙ୍କୁ ମିଥ୍ୟା ଆଶ୍ୱାସନା ଦେଇ ଚାଲିଥାଏ | ଜାଣିଥିଲି ଏହା ଠିକ ନୁହଁ କିନ୍ତୁ | ଏତେ ଦୂରରେ ଥାଇ ସେମାନେ ବା କଣ କରି ପାରିଥାନ୍ତେ | ସେ ଯାହା ହେଉ ଏହି ସମୟରେ ବନ୍ଧୁଟିଏ ମୋର ଫୋନ କଲା | ଆପଣ ମାନେ ବିଶ୍ୱାସ କରି ପାରିବେନି ମୋତେ ଯେମିତି ଲାଗିଲା କି ମୁଁ ଏବେ ଆଉ ଏକା ନୁହଁ | କାରଣ କିଛି କଥା ବନ୍ଧୁମାନଙ୍କ ପାଖରେ ହିଁ ଖୋଲି କହି ହୁଏ | ଯାହା ହେଉ ସେ ବନ୍ଧୁ ଜଣକ ମୋ କଥା ଶୁଣି ବ୍ୟସ୍ତ ବିବ୍ରତ ହୋଇ ଛୁଟି ଚାଲି ଆସିଲା ମୋ ପାଖକୁ | ବିସ୍କୁଟ୍, କେକ୍, ଜୁସ୍ ଆଉ କେତେ କଣ ନେଇ | କଣ କହିବି ମୁଁ ଆଉ | ସେଦିନ ସେ ବନ୍ଧୁର ଭୂମିକା ଯେ ମୋ ପାଇଁ କଣ ଥିଲା ତାହା ଭାଷାରେ ବର୍ଣନା କରିବା ମୋ ପକ୍ଷେ ଅସମ୍ଭବ | ଅସହାୟ ହେଇ ପଡୁଥିଲା ସେ ବ୍ୟସ୍ତ ହେଇ ପଡୁଥିଲା ମୋ ପାଇଁ | ହୁଏତ ଆଜିର ଦୁନିଆର ତଥାକଥିତ ନିଜ ଲୋକର ସମ୍ପର୍କ କିଛି ନଥିଲା ତା ସହ କିନ୍ତୁ ଦେବଦୂତ ଭଳି କିଛିକ୍ଷଣ ମଧ୍ୟରେ ମୋର ଯନ୍ତ୍ରଣାକୁ ଅନେକାଂଶରେ ଲାଘବ କରିଦେଲା ସେ ତାହାରି ଆପଣାର ଭାବରେ | ରାତି ପାଇଁ ଆବଶ୍ୟକୀୟ ଔଷଧ ଓ ଖାଦ୍ୟ ଆଣି ଦେଇ ବିଦାୟ ନେଲା ସେ ମୋ ଠାରୁ | କିନ୍ତୁ ତା' ମନ ତଳେ ସେଦିନ ମୋତେ ଏକା ଛାଡି ଯିବା ହେତୁ ଉଠିଥିବା ଦୁଃଖକୁ ସେ ପ୍ରକାଶ ନକଲେ ବି ତା ମଉଳିଯାଇଥିବା ମୁହଁରୁ ସ୍ପଷ୍ଟ ବାରି ହେଇ ପଡୁଥିଲା | ଭଗବାନଙ୍କୁ ସ୍ୱତଃସ୍ଫୂର୍ତ ଭାବରେ ମୋ ମନ କହୁଥିଲା ପ୍ରଭୁ ମୋତେ ଏମିତି ବନ୍ଧୁ ଯୁଗେ ଯୁଗେ ମିଳୁ |

ଯା ହଉ ବନ୍ଧୁର ଭଲପାଇବା, ସ୍ନେହଁ, ଯୋଗୁଁ ଟିକେ ସୁସ୍ଥ ହେଲି ଟିକେ ଭଲ ଲାଗିଲା | ଆରମ୍ଭ କଲି ଘର ଅଭିମୁଖେ ଯାତ୍ରା | ମନରେ ଘରକୁ ଯିବାର ଆନନ୍ଦ ଆଉ ବ୍ରହ୍ମପୁରରେ ବନ୍ଧୁର ସ୍ନେହ ଯୋଗୁଁ ଜ୍ୱର ପୀଡ଼ାକୁ ଭୁଲି ଗଲି କିଛି ସମୟ ପାଇଁ | ତା' ପରଦିନ ସକାଳୁ ଭୁବନେଶ୍ୱରରେ ପହଞ୍ଚି ଘର ଅଭିମୁଖେ ଯାତ୍ରା ଆରମ୍ଭ କଲି ବସରେ | ବସ୍ ଆସି ପହଞ୍ଚିଲା ବାଦାମବାଡ଼ି ବସ ଷ୍ଟାଣ୍ଡରେ | ଇଚ୍ଛା ହେଉ ନଥିଲେ ମଧ ଭାବିଲି ଟିକେ ଜଳଖିଆ କରିନେବି କାହିଁକିନା ଔଷଧ ଖାଇବାକୁ ପଡ଼ିବ | ଏଇକଥା ଭାବି ଜଳଖିଆ ଦୋକାନକୁ ଗଲି ସଂଯୋଗ ବଶତଃ ସେ ଦୋକାନରେ ଖାଉଥିଲା ବେଳେ ଶୁଣିବାକୁ ପାଇଲି ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ମା'ଦୂର୍ଗାଙ୍କ ଉପରେ ପ୍ରବଚନ | ସତରେ କି ମାର୍ମିକ ଥିଲା ସେଦିନର ସେ ପ୍ରବଚନ ସେ କହୁଥିଲେ ଖାଲି ପାର୍ବଣରେ ମାଟି, ମାଟିର ମା'ଙ୍କୁ ପୂଜା କଲେ କିଛି ଲାଭନାହିଁ ତତ୍ ସଙ୍ଗେ ସଙ୍ଗେ ଯଦି  ନିଜ ଜନ୍ମଦାତ୍ରୀ ମା'କୁ ସ୍ନେହ ଶ୍ରଦ୍ଧା ତଥା ଭକ୍ତି ସୁମନରେ ଅର୍ଚ୍ଚନା କରିପାରିବ ତାହାହିଁ ପ୍ରକୃତ ପାର୍ବଣର ମହାପୂଜା | ମନକୁ ଛୁଇଁ ଗଲା ମୋର ଏଇ କଥାଟି | ମା' କଥା ଆହୁରି ବେଶୀ ମନେ ପଡ଼ିଲା | ମୋ ଅଜାଣତରେ ଆଖିରୁ ଦିଧାର ଲୁହ ଗଡ଼ିଗଲା | କାଳେ କିଏ ଦେଖିନବ ଭାବି ତାକୁ ଅତି ସନ୍ତର୍ପଣରେ ପୋଛିଦେଇ ପୁଣି ବସରେ ବସିଲି. | ବହୁତ ଦୁର୍ବଳ ଲାଗୁଥାଏ | ମନ କୌଣସି ନିଜ ଲୋକ ଙ୍କୁ ଖୋଜୁଥାଏ କେହି ଟିକେ ମୋ ପାଖରେ ବସିଥାନ୍ତାକି | କଣ କହିବି ମୁଁ ଆଉ, ମା' ଦୂର୍ଗା ସତେ ଅବା ମୋତେ ମୋ ମା' ପାଖରେ ଛାଡିବାର ଦାୟୀତ୍ୱ ନେଇଥିଲେ ସେଦିନ | ହଠାତ ଦେଖିଲି ମୋର ଜଣେ ସମ୍ପର୍କୀୟ ନାନୀ ବସରେ ଉଠିଲେ ଆଉ ମୋତେ ଦେଖି ମୋ ପାଖରେ ବସିଲେ ଆଉ ମୋ ଦେହ ଖରାପ ଜାଣି ସାନ୍ତ୍ୱନା ଦେଲେ | ଟିକେ ଭଲ ଲାଗିଲା | ଶେଷରେ ସବୁ ଅପେକ୍ଷାର ଅନ୍ତ ଘଟିଲା ସହସ୍ରାଧିକ କିଲୋମିଟର ପଥ ଅତିକ୍ରମଣାନ୍ତେ ପହଞ୍ଚିଲି ମୋ ଘରେ ମୋ ମା' ପାଖରେ | ଦିନ ପାଖାପାଖି ୧୧ଟା ଏତେ ରାସ୍ତା ଯାତ୍ରାର କ୍ଳାନ୍ତି ମା'କୁ ଦେଖିବାର ଆନନ୍ଦରେ ସତେ ଯେମିତି କେଉଁଆଡ଼େ ଉଭେଇ ଯାଇଥିଲା | ଜ୍ୱରର ତାତି ସତେ ଯେମିତି କିଛି ସମୟ ପାଇଁ ଅନୁଭୂତ ହୋଇ ନଥିଲା ମୋତେ | ଏକ ବ୍ୟାକୁଳତା ସତେ ଯେମିତି ମୋ ହୃଦୟକୁ ଥରାଇଦେଉଥିଲା | ଅମାନିଆ ଲୁହର  କେଇଧାର କେତେବେଳେ କେଜାଣି ମୋ ଆଖିରୁ ଝରି ପଡ଼ିଲା ସେ କଥା ବି ମୋତେ ଜଣା ନଥିଲା | ଘରେ ପଶୁ ପଶୁ ମା' ଦଉଡ଼ି ଆସିଲେ ମୋତେ ଘରକୁ ନବାକୁ | ବ୍ୟାଗଟି ମୋର ବହୁତ ଭାରୀ ଥିଲା | ମୋତେ କଷ୍ଟ

ହେବାର ଦେଖି ମା' ମୋ ହାତରୁ ବ୍ୟାଗଟି ଛଡ଼ାଇ ନେଲେ ଆଉ ଘରେ ପହଞ୍ଚୁ ପହଞ୍ଚୁ ଟାଣି ନେଇଥିଲେ ନିଜ କୋଳକୁ....ଆହା !!! କଣ କହିବି ଆଉ ସେକଥା ମୁଁ ବାକ୍ ଶୂନ୍ୟ | ଶକ୍ତି ନାହିଁ ସେ ମୁହୂର୍ତ୍ତର ଆନନ୍ଦକୁ ଭାଷାରେ ପ୍ରକାଶ କରିବାକୁ | ସବୁ ଦୁଃଖ ସବୁ କଷ୍ଟ ସେଇ ମୁହୂର୍ତ୍ତ ପାଇଁ କେଉଁ ଆଡ଼େ ଉଭେଇ ଗଲା | ପାର୍ବଣ ଆଗରୁ ସତେ ଯେମିତି ପାର୍ବଣ ଆସି ଗଲା ମୋ ପାଇଁ | କାଳେ ମା' ମୋର ଭାଙ୍ଗି ପଡ଼ିବେ ସେଇକଥା ଭାବି ମନର କୋହକୁ ଚାପି ରଖିଲି | କେଡ଼େ ଅମୃତମୟ ମୁହୂର୍ତ୍ତ ସତେ | ମନ କହୁଥିଲା ସବୁ ବେଳେ ଏମିତି ମା' ର ପଣତକାନି ତଳେ ଥାଆନ୍ତିକି | ମା' କୁ ଏମିତି ଜୀବନ ସାରା ଜାବୁଡ଼ି ଧରିଥାନ୍ତିକି!!! ସେ ଯାହା ହେଉ, ଘରେ ପହଞ୍ଚିଲି ସିନା ହେଲେ ସେ ନିଆଁଗିଳା ଜ୍ୱରଟା ମୋତେ ଜମା ଛାଡ଼ିବାକୁ ନାରାଜ, ସଂଧ୍ୟା ନହେଉଣୁ ପୁଣି ଆସିଗଲା ଆଉ ରାତି ସାରା ମୋତେ ଜମା ଶୋଇବାକୁ ବି ଦେଲାନି | ଟିକେ ଶୋଇ ପଡୁଥାଏ ପୁଣି ଉଠି ବସି ପଡୁଥାଏ, ମା' ମୋର ବ୍ୟସ୍ତ ବିବ୍ରତ ହୋଇ ପାଗଳି ପରିକା ହଉଥାନ୍ତି, କେତେ ବେଳେ ଅମୃତାଞ୍ଜନ ଲଗେଇ ଦଉଛନ୍ତି ତ କେତେ ବେଳେ ମୁଣ୍ଡରେ ଜଳପଟି ଦେଇ ଦଉଥାନ୍ତି, ଆଉ କେତେବେଳେ ବିନ୍ଧାଛିଟିକା କରୁଥିବା ଗୋଡ଼ଗୁଡ଼ିକରେ ମୋର ହାତ ମାରି ଦଉଥାନ୍ତି | ଆଉ ବାରମ୍ବାର ଛାଡୁଥାନ୍ତି ଦୀର୍ଘଶ୍ୱାସ, ମନେ ମନେ କହୁଥାନ୍ତି, ହେ ମା' ବାସୁଳି ମୋ ଛୁଆକୁ ଭଲ କରିଦେ ମା' ମୁଁ ତୋତେ ନଡ଼ିଆ କଦଳୀ ଭୋଗ ଲଗେଇବି | ହେ କାଳିଆ ମୋ ଛୁଆକୁ କଷ୍ଟରୁ ମୁକ୍ତି ଦେ ମୁଁ ତୋତେ ପୂଜା କରିବି,ଏମିତି କେତେ ଦିଅଁ ଦେବତାଙ୍କୁ କେତେ ଅଳି କେତେ ପ୍ରାର୍ଥନା କରିଚାଲୁଥାନ୍ତି | ଆଖିରେ ତାଙ୍କର ତିଳେ ହେଲେ ନିଦ ନାହିଁ | କେମିତି ଶୋଇଥାନ୍ତେ ସେ ??? ସେ ପରା ମା' ମୋ ମା', ନିଜ ଛୁଆର କଷ୍ଟକୁ କେମିତି ଅଣଦେଖା କରିଥାନ୍ତେ !!! ସେ ଯାହା ହେଉ ଏଇ ଭିତରେ ମା'ଙ୍କ ସ୍ନେହଁ ମମତା ଆଉ ମେଡ଼ିସିନର ପ୍ରଭାବ ତଥା ପ୍ରଭୁଙ୍କ ଦୟାରୁ ଜ୍ୱର ଟିକେ କମିଲା, ମୁଁ ଶୋଇ ପଡ଼ିଲି | ହେଲେ ମା'..!!!!!! ସେ କଣ କଲେ ???ସେ କଣ ଶୋଇଥିଲେ | ଜମା ନୁହଁ, ମୁଁ ସକାଳୁ ଉଠିଲା ବେଳକୁ ଦେଖେ ମା'ସେମିତି ବସି ରହିଛନ୍ତି ମୋ ପାଖରେ | ଏଇ କଥା ଦେଖି ଅଜାଣତରେ ଆଖିରୁ ପୁଣି ଗଡ଼ିଗଲା ଦି'ଧାର ଲୁହ | ଆଗରୁ ମା'ର ମମତା କଥା ଶୁଣିଥିଲି ମା'ର ସ୍ନେହ ମଧ୍ୟ ଦେଖିଥିଲି | ମା' ସହ ସାଙ୍ଗ ଭଳି ଖେଳିଛି | ଝଗଡ଼ା କରିଛି ମିଛରେ ମିଛରେ | ସବୁ ରୂପ ଦେଖିଛି, ମୋ ପାଇଁ ବ୍ୟସ୍ତତା, ମୋ ପ୍ରତି ଭଲ ପାଇବା ସବୁ ଅନୁଭବ କରିଛି କିନ୍ତୁ ଏଥର ଯାହା ଘଟିଲା ତାହା ମୋ

ହୃଦୟକୁ ଆନ୍ଦୋଳିତ କଲା ମା'ର ସ୍ନେହ ଯେ କଳ୍ପନାତୀତ ତାହା ମୋର ହୃଦୟଙ୍ଗମ ହେଲା | ସତରେ ଆଉ କଣ କେହି ମୋ ପାଇଁ ଏମିତି ବ୍ୟସ୍ତ ହେଇ ପାରିବ???? ଆଉ କିଏ କଣ ମୋତେ ଏତିକି ଭଲ ପାଇ ପାରିବ...?? ନାଁ କେବେ ନୁହଁ | କଥାରେ ପରା କୁହନ୍ତି ମା' ଠୁ ଯିଏ ବେଶି ଭଲ ପାଏ ସେ ହେଲା ଡାହାଣୀ | ସେ ଯାହା ହେଉ ମା'ଙ୍କ ଅକ୍ଳାନ୍ତ ପରିଶ୍ରମ ସ୍ନେହ ଓ ସେବା ଶୁଶୃଷା ବଳରେ ମୁଁ ଟିକେ ସୁସ୍ଥ ହେଲି ଆଉ ଏଇ ଭିତରେ ପହଞ୍ଚିଗଲା ମା' ଦୂର୍ଗାଙ୍କ ମହାଷ୍ଟମୀ, ମା'ଙ୍କ ସାଙ୍ଗରେ ଗଲି ମା'ର ପୂଜା ପାଇଁ | ଦେଖିଲି କି ସୁନ୍ଦର ସେ ମମତାମୟୀ ମହିଁଷାଦଳାର ଅବୟବ ସାଥିରେ ଲକ୍ଷ୍ମୀ ସରସ୍ୱତୀ ଆଦିଶକ୍ତି | ନିମିଷକ ପାଇଁ ମନ ମୋର ହେଇଗଲା ଗଦ୍‌ଗଦିତ | ମନେ ପଡ଼ିଗଲା ପଣ୍ଡିତ ସୂର୍ଯ୍ୟ ନାରାୟଣଙ୍କର ସେହି ମା' ପୂଜାର ତତ୍ତ୍ୱ ଆଉ ଠିକ ସେତିକିବେଳେ ଦୂର୍ଗା ମେଢରେ ଥିବା ପ୍ରତିକୃତି ସବୁ ବଦଳି ଗଲେ ମୋ ପାଇଁ, ଲକ୍ଷ୍ମୀ ସରସ୍ୱତୀ ଆଦି ପାର୍ଶ୍ୱଦେବୀ ମାନେ ମୋତେ ମନେହେଲେ ସେହି ବ୍ରହ୍ମପୁର ଷ୍ଟେସନର ଆଟେଣ୍ଡାଣ୍ଟ୍ ମାଉସୀ, ଆଉ ଷ୍ଟେସନ କୁ ଆସି ମୋର ସେବା ଶୁଶୃଷା କରିଥିବା ବନ୍ଧୁ ଭଳି | ଆଉ ମା' ଦୂର୍ଗା ଙ୍କ ଜାଗାରେ ମା' ଦୂର୍ଗା ନଥିଲେ | ଦେଖିଲି ମୋ ମା'ଙ୍କୁ ମୋ ନିଜ ମା'ଙ୍କୁ | ସ୍ନେହ, କରୁଣା ,ମମତା ଆକଟ ଆଦି ଦଶ ପ୍ରହରଣ ଧରି | ସତରେ, ମୋ ଜୀବନ ଧନ୍ୟ ହେଲା | ଟାଇଫଏଡ୍ ଓ ମ୍ୟାଲେରିଆରେ ପଡ଼ିଥାଇ ମଧ୍ୟ ଏ ପାର୍ବଣ ହେଇଗଲା ମୋ ପାଇଁ ମୋ ଜୀବନର ଶ୍ରେଷ୍ଠ ପାର୍ବଣ | ଆଉ ଏଇ ସମୟରେ ମୋର ମନେ ପଡ଼ିଯାଉଥିଲା ପ୍ରସିଦ୍ଧକଣ୍ଠଶିଳ୍ପୀ ମାନ୍ନା ଦେଙ୍କ ସେହି ମର୍ମସ୍ପର୍ଶୀ ଶ୍ୟାମା ସଙ୍ଗୀତର ଦୁଇ ଧାଡ଼ି...

'ଆମି ତଫାତ୍ ବୁଝିନା ଦୁଜନେର୍ ତଫାତ୍ ବୁଝିନା

ଆମାର୍ ଜନ୍ମଦାତ୍ରୀ ମା' ଆର ଠାକୁରଘରେର୍ ମା'

ଆପଣ ମାନେ କହିଲେ,କଣ କିଛି ତଫାତ ଅଛି ଆମ ନିଜ ମା' ଆଉ ଜଗଜ୍ଜନନୀ ଦୂର୍ଗା ମା' ଙ୍କ ମଧ୍ୟରେ ?????ମୁଁ ଦୃଢ କଣ୍ଠରେ କହିବି ନାଁ | ତଫାତ ଆମେ କରୁଛୁ | ନିଜ ମା'କୁ ହେୟ କରି ମାଟିର ମୂର୍ତ୍ତିକୁ କରି ଚାଲୁଛୁ ଷୋଳପୂଜା | ସେ ପୂଜା କଣ ସତରେ ଦୂର୍ଗା ମା' ପାଆନ୍ତି ???? ଏଥରର ଏ ଘଟଣା ପରେ ତ ମୁଁ କହିବି ନାଁ କେବେ ନୁହଁ | ମା'ର କରୁଣା ପାଇବା ପାଇଁ ହେଲେ ଆମଦୃଷ୍ଟି ଭଙ୍ଗୀରେ ପରିବର୍ତନ କରିବାକୁ ହିଁ ପଡ଼ିବ | ମୃଣ୍ମୟୀ ମା'କୁ ତ ପୂଜା କରିବା ନିଶ୍ଚୟ କିନ୍ତୁ

ଭୁଲି ଯିବାନି ଆମ ଜନ୍ମଦାତ୍ରୀଙ୍କୁ | ମା' ଦୂର୍ଗାଙ୍କ ଦଶପ୍ରହରଣ ସିନା ସାରା ଜଗତପାଇଁ ହେଲେ ଆମ ନିଜ ମା' ଙ୍କ ମମତା କେବଳ ଆମରି ପାଇଁ |

ମୋର ଏହି ଜୀବନରେ ବହୁ ପାର୍ବଣ ଆସିଛି ହେଲେ କେବେ ହେଲେ ମା' ଜଗଜ୍ଜନନୀ ଙ୍କ ଏଭଳି ଦୟା ହେଇନି,ଆଉ ଏହି ବାସ୍ତବ ସତ୍ୟକୁ ଆଗରୁ କେବେ ହୃଦୟଙ୍ଗମ କରି ପାରିନି କିନ୍ତୁ ଏ ପାର୍ବଣ ହିଁ ଆଣି ଦେଇଛି ମୋ ପାଇଁ ପ୍ରକୃତ ପାର୍ବଣର ମହତ୍ଵ..ପ୍ରକୃତ ଅର୍ଥରେ ହେଇଛି ପାର୍ବଣରେ ମା' ର ଭେଟ.. |

ମା' ର ପୁଅ ରଶ୍ମୀ ରଞ୍ଜନ

# ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ



ଦେବାଶିଷ ସାମଲ (ଦେବ)

ହେଲେ ମୀରା ତ ତୁମର

ଜାଣେନା ଭଲ ପାଇବାର ମାନେ...

ତଥାପି ହଜିଯାଏ ତୁମ ବଂଶୀସ୍ବନେ

ଭିଜିଯାଏ ତୁମ ସାତସ୍ବରେ...

ରଙ୍ଗେଇ ନିଏ ଶ୍ୟାମ... ତୁମରି ରଙ୍ଗରେ...

ହେଲେ ଦିନେ ତ କହିନି ତୁମେ ମୋର ହୋଇଯାଅ

ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ...

ହେଲେ ମୀରା ତ ତୁମର --- ୧

ରାଧାଙ୍କର ତୁମେ... ରାଧା ଯେ ତୁମର...

ନଥାଏ ତୁମଠୁ କିଛି ଆଶା କି ଆକାଂକ୍ଷା..

ନାହିଁ ମୋର ଦୁଃଖ, ଅବଶୋଷ, ଅଭିମାନ...

ଜବରଦସ୍ତି କଣ କାହାକୁ ପ୍ରେମ ସୁତୁଲିରେ ବାନ୍ଧିହୁଏ ?

କହିବିନି ମୋତେ ହିଁ ଭଲପାଅ ତୁମେ

ହଜିଯାଅ ମୋ ପ୍ରେମର ଫଲଗୁରେ

ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ...

ହେଲେ ମୀରା ତ ତୁମର --- ୨

ଜାଣେ... ତୁମେ ମୋ ପାଇଁ ଉଆଁସିରାତିର ଚାନ୍ଦ

ଧାରା ଶ୍ରାବଣରେ ସୂର୍ଯ୍ୟର ସୁନେଲି କିରଣ...

ତୁମେ ନୁହଁ ପକ୍ଷୀଟିଏ ମୋ ଆକାଶର...

ତୁମେ ନୁହଁ ଫୁଲଟିଏ ମୋ ବଗିଚାର...

ତଥାପି... ତଥାପି କୁହନା କାହ୍ନା

କାହିଁକି ଭଲ ପାଏ ତୁମକୁ ?

ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ...

ହେଲେ ମୀରା ତ ତୁମର --- ୩

ହଜାଇ ଦିଏ ନିଜକୁ... ତୁମ ଭଜନର ତାଳେ ତାଳେ...

ମଜିଯାଏ ମୋର ମନ... ତୁମ ଶାଶ୍ବତ ପ୍ରେମରେ...

ଜାଣେ କେବେ ନଥିଲ, ନା ଅଛ.. ନା ହେବ ମୋର...

ହେଲେ ମୁଁ ଥିଲି, ଅଛି ଓ ରହିଥିବି

କେବଳ ତୁମର... ତୁମର... ତୁମର...

ଜାଣେ ମୁଁ କାହ୍ନା.. ତୁମେ ମୋର ନୁହଁ...

ହେଲେ ମୀରା ତ ତୁମର --- ୪

# ମୁଇଁ ଦାମିନୀ କହୁଛେଁ.....



ଶ୍ରୀମାନ୍ ବିଧୁଭୂଷଣ ମିଶ୍ର (ପିନ୍ଟୁ)

ମାଁ, ମୁଇଁ ଇହାଦେ ଜିଇଁବାର୍ କେ ଚାହୁଁଛେ ,

ତୋର୍ ସାଂଗେ ସମିଆ ବିତାବାର୍ କେ ଚାହୁଁଛେଁ ,

ଟୁକେଲ୍ ମାନେ ମେଟ୍ ପୁତ୍-ଲା ନୁହେସେ ,

ଇ କଥା ମୁଇଁ ସମ୍-କୁ ଜନାବାର୍ କେ ଚାହୁଁଛେଁ ।

ଲୁକେ କହେସନ୍ ,ସମ୍-କିରର୍ ଉପ୍-ରେ ମହାପୁରୁର୍ ହାତ୍ ଥିସି,

ତ ଫେର୍ କାଏଁ ହେଲା ଯେ ଇ ମହାପୁରୁର୍ ହାତର୍ ତଲେ

ଟୁକେଲ୍ କୁ ଏନ୍ତା ଅତ୍ୟାଚାର୍ ହେସି ??

ଯାଉଛେଁ ଆଏଜ୍ ମୁଇଁ ତୁମ୍-କୁ ସମ୍-କୁ ଛାଡିକରି,

ଆର୍ ନେ ହଏଁ ଜନମ୍ କେଭେ କାହାରିର୍ ଝି ହେଇକରି ।

ମୋର୍ ମାଁ ବି ଗୁଟେ ସପନ୍ ଦେଖିଥିଲା ,

ଦିନେ ତାର୍ ଝି'ର୍ ଲାଗି ଗୁଟେ ରାଜ୍-କୁମାର୍ ଆଏବା ,

ସତ୍ ସମାନେ ସମ୍-କିରର୍ ସାମ୍-ନେ ବିହା ହେଇକରି ତାର୍ ଝି କେ ନେବା ।

ଇହାଦେ ହେଇ ମାଁ ଠିଆ ହେଇକରି ସବୁ ସପନ୍ ଭାଂଗ୍-ବାର୍ ଟା ଦେଖ୍-ବା..

ଯେତେବେଲେ ମୋର୍ ଭାଏ ମତେ ରାମ୍ ନାମ୍ ସତ୍ ଆଏ ବଲି କହେତେଲ୍ ନେବା ।

ମାଁ,ମୁଇଁ ତୋର୍ ସାଂଗେ ରହେବାର୍ କେ ଚାହୁଁଛେଁ ,

ମାଁ,ମୁଇଁ ଇହାଦେ ଆର୍ ଥୁଡେ ଦିନ୍ ବାଂଚିବାର୍ କେ ଚାହୁଁଛେଁ ।

ଦେଖିକରି ମତେ କେତେ ଖୁସ୍ ହଉଥିଲେ ମୋର୍ ବା ,

ଇହାଦେ ମତେ ଝୁରି ଝୁରି ସେ ବା'ର୍ ଆଏଁଖ୍ କେତେ ଯେ ନେ କାନ୍-ବା !!

ମୋର୍ ଉତାରୁ ତୁମର୍ ଠାନେ ଗୋ ବା , ଲାଡ ଗେଲ ହେବା କିଏ ?

ଶେଷ୍ ଥରର୍ ଲାଗି ଗୋ ବା , ମତେ ଗେଲ କର ଘାଏ ..।

ବା.., ମୁଇଁ ତୁମର୍ ସାଂଗେ କଥା ହେବାର୍ କେ ଚାହୁଁଛେଁ ,

ମୁଇଁ ଇହାଦେ ଆର୍ ଥୁଡେ ଦିନ୍ ବାଂଚିବାର୍ କେ ଚାହୁଁଛେଁ ।

ମୋର୍ ଭାଏ ଯେତେବେଲେ ବି ଶୁଇବା ,

ଲୁକି ଲୁକି ମତେ ସୋର୍ କରି କାନ୍-ବା ..

ହେଲେ ମୁଇଁ କହୁଛେଁ ରେ ତତେ ମୋର୍ ଭାଏ,

ଗୁଟେ ବହେନ୍ ତୋର୍ ଠାନୁ ଯାଉଛେ ;

ହେଲେ ତୁଇ ହଜାରେ ବୁହେନୀ ର୍ ସମ୍-କିରର୍ ଯତନ୍ କର୍-ବୁ,

ଏତ୍-କର୍ ଶୁଉଛେଁ ମୁଇଁ ସବୁଦିନ୍ ଲାଗି ,

ନିଜେ ଭଲେ ଥିବୁ ଆର୍ ସବୁ ବହେନ୍ ମାନ୍-କର୍ ଖୟାଲ୍ ରଖ୍-ବୁ ॥

# ମୋ ଭ୍ରମଣ କାହାଣୀ – ଟରୋଣ୍ଟୋ - ୬



ପ୍ରଶାନ୍ତ କୁମାର ଭୂୟାଁ




( ପୂର୍ବ ପ୍ରକାଶିତ ଉତ୍ତାରୁ )

ନୂଆବର୍ଷଟା ହଲିଝୁଲି ଆସିଗଲା । ଡିସେମ୍ବର ୩୧ତାରିଖ ସନ୍ଧ୍ୟା ବେଳରୁ ଟିଭି, ରେଡ଼ିଓ ଆଉ ବଜାର ଗଳିକନ୍ଦି କେବଳ ତାର ଆଲୋଚନା ବିଲୋଚନା, ସତେ ଯେପରି ଏଇ ପ୍ରଥମଥର ପାଇଁ ଆସୁଛି ଆଉ କିଛି ଅପୂର୍ବ ଘଟିବାକୁ ଯାଉଛି । ସେ ଯାହାହେଉ, ଜଞ୍ଜାଳରେ ଧନ୍ଦିହୋଇ ବଞ୍ଚୁଥିବା ମଣିଷ ପାଇଁ ଆମୋଦିତ ହେବାର ସତେ ଯେପରି ଏହା ଏକ ଅପୂର୍ବ ବାହାନା । ସମସ୍ତଙ୍କୁ ଜଣା ସେଇପରି ଜୀବନ ଚାଲିଥିବ, ଆଉ କିଛି ପରିବର୍ତ୍ତନ ବି ହେବାର ନାହିଁ ହେଲେବି ଏକ ଆଶା କୁ ପାଥେୟ କରି ଏଇ ଜୀବନ ଚାଲିଥାଏ । ସେଇଭଳି ଟରୋଣ୍ଟୋରେ ମଧ୍ୟ ନୂଆବର୍ଷ ଅତି ସୁନ୍ଦର ଭାବେ ଆସିଥିଲା ଏଇଥର ଆମପାଇଁ । ବିଦେଶରେ ଆମର ପ୍ରଥମ ନୂତନ ବର୍ଷର ଉତ୍ସବ ପାଳନ ପାଇଁ ଆମେ ମଧ୍ୟ ଜାଗତିଆର ହୋଇ ରହିଥିଲୁ ।

ଜଣେ ବନ୍ଧୁ ସନ୍ଧ୍ୟାବେଳେ ଦୂରଭାଷରେ ନିମନ୍ତ୍ରଣ ମଧ୍ୟ ଦେଇଥିଲେ ସହରର ମୁଖ୍ୟକେନ୍ଦ୍ରକୁ ଯାଇ ଏହି ମହୋତ୍ସବକୁ ଉପଭୋଗ କରିବା ପାଇଁ । ହେଲେ ନୂଆଦେଶ ଆଉ ନୂଆ ପରିବେଶ ହୋଇଥିବାରୁ ଆମେ ସେଥିପାଇଁ ବାହାରକୁ ନଯାଇ ଘରେ ହିଁ ନୂଆବର୍ଷକୁ ଅପେକ୍ଷା କରିବସିଥିଲୁ । ପୂର୍ବସନ୍ଧ୍ୟାରେ ଅସରାଏ ତୁଷାର ଆସି ବାହାର ଦୁନିଆଟାକୁ ଯେପରି ନିର୍ମଳ କରିଦେଇଥିଲେ ନୂଆ



ମୋ ଘର ନିକଟରେ ତୁଷାରପାତ ପରବର୍ତ୍ତୀ ନର୍ଥ୍ ହିଲ୍ସ୍ ଏବଂ ବାର୍ଚ୍ଚ୍ର ଗ୍ରୀନ୍ ୱେଡ଼ର ଦୃଶ୍ୟ



କ୍ୱିନ୍ ଷ୍ଟ୍ରୀଟ୍ର ଏବଂ ସ୍କାର୍ବୋରୋ ବଜାରରେ ଖ୍ରୀଷ୍ଟମାସ ତଥା ନୂଆବର୍ଷପାଇଁ ହୋଇଥିବା ମନୋରମ ସାଜସଜ୍ଜା ର ଦୃଶ୍ୟ

ବରଷ ପାଇଁ । ଚାରିଆଡ଼େ ବରଫ ଆଉ ବରଫ । ଶଙ୍ଖ ଭଳି ଧଳା ଫରଫର ଓଢ଼ଣୀଟାକୁ ଧରଣୀ ରାଣୀ ପାରିଦେଇଥିଲା ଯେପରି ନୂଆବରଷ ପାଇଁ । ମୋର ସହଧର୍ମିଣୀ ଆନ୍ତର୍ଜାଲୀୟ ସେବା ମାଧ୍ୟମରେ ବିଦେଶୀ ପିଠା ପ୍ରସ୍ତୁତି ପ୍ରଣାଳୀ ଦେଖି ଗୋଟିଏ ସୁନ୍ଦର 'ଇଂରାଜୀ କେକ୍' ପ୍ରସ୍ତୁତ ମଧ୍ୟ କରିଥିଲେ ।

ରାତି ୧୨ଟା ବେଳେ ସବୁ ଅପେକ୍ଷାକୁ ପଛକୁ ଠେଲିଦେଇ ନୂଆବରଷ ଓହ୍ଲାଇ ଆସିଥିଲା ପୃଥିବୀକୁ । ଆତସବାଜି, ହୋହଲ୍ଲା ଆଉ ରୋଷଣୀର ପଟୁଆର ଆହୁରି ତେଜ ହୋଇଯାଇଥିଲା । ଚାରିଆଡ଼େ ବିଭିନ୍ନ ତାଳଫୋଟକା ଓ ଆତସବାଜି ସବୁର ଆଲୋକ ଆଉ ବର୍ଣ୍ଣାଳୀ ରାତିଟାକୁ ଆହୁରି ଆକର୍ଷଣୀୟ କରିଦେଇଥିଲା । ଆମେ କେକ୍କୁ କାଟି ପରସ୍ପରକୁ ଖୁଆଇଥିଲୁ । ତାପରେ ଆରମ୍ଭ ହେଲା ସମସ୍ତଙ୍କୁ ଫୋନ୍ କରି ଶୁଭେଚ୍ଛା ଜଣାଇବା । ପୂର୍ବରୁ ଫେସ୍ବୁକ୍ ଆଉ ଇ-ମେଲ୍ ମାଧ୍ୟମରେ ଶୁଭେଚ୍ଛାର ଆଦାନ ପ୍ରଦାନ ଚାଲିଥିଲା । ସକାଳେ ବାହାରକୁ ବୁଲି ବାହାରିବାର ଯୋଜନା କରି ଶୋଇପଡ଼ିଲୁ ଦୁହେଁ । ହେଲେ ମୋବାଇଲ୍ ବହୁତ ସମୟ ଯାଏଁ ବନ୍ଧୁବାନ୍ଧବଙ୍କ ବାର୍ତ୍ତାନେଇ ଆସୁଥିଲା ଆଉ ଆମର ଶୋଇବା ପ୍ରାୟ ଅସମ୍ଭବ ହୋଇ ପଡ଼ିଥିଲା । ତଥାପି ଯେଣତେଣ କିଛି ସମୟ ଶୋଇ ପଡ଼ିଥିଲୁ ।

ତା'ପର ଦିନ ଅତି ସକାଳୁ ଉଠିପଡ଼ି ଗୋଧୋଇ ପାଧୋଇ ପୂଜାପୂଜି କରି ବାହାରି ଗଲୁ ସହର ବଜାର ଅଭିମୁଖେ । ପୂରା ସହରଟା ଯାକର ତରୁଣ ତରୁଣୀ, ଦମ୍ପତ୍ତି ଯୁଗଳ ଆଉ ବହୁ ପରିବାର ବର୍ଗ ମୁହଁରେ ଏକ ନୂଆ ସତେଜତା ନେଇ ବାହାରି ପଡ଼ିଥିଲେ ନୂଆବର୍ଷକୁ ସ୍ୱାଗତୋତ୍ସବ



ଗ୍ରୀନ୍‌ବେଲ୍ଟ୍ ଭିଲେଜ୍, ଡନ୍‌ମିଲ୍ସ୍ ରୋଡ଼ ଏବଂ ବାର୍ବାସ୍ ଗ୍ରୀନ୍ ରୋଡ୍‌ର ସକାଳ, ସନ୍ଧ୍ୟା ଓ ରାତ୍ରୀର ତୁଷାରପାତ ଦୃଶ୍ୟ



ମୋ ଗୃହ ପରିବେଶର ଧବଳମୟ ତୁଷାରାଚ୍ଛନ୍ନ ର ଦୃଶ୍ୟ

ପରବର୍ତ୍ତୀ ସମାରୋହରେ ସଜାଡ଼ି ନେବାକୁ ।

ଖ୍ରୀଷ୍ଟମାସ ଠାରୁ ଆରମ୍ଭ କରି ଏହି ନୂତନବର୍ଷ ଯାଏଁ ପୂରା ସହରଟା ପଡ଼ିଉଠୁଥିଲା । ଗୋରାକଳା , ଧନୀନିର୍ଧନ, ପିଲାବୁଢ଼ା ଏହି ମହୋତ୍ସବରେ ଏକାକାର ହୋଇଯାଇଥିଲେ ଯେପରି । ରାସ୍ତାରେ ମୋ ଏପାର୍ଟ୍‌ମେଣ୍ଟର ଜଣେ ପଡ଼ୋଶୀଙ୍କ ସହ ସାକ୍ଷାତ ହେଲା । ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ପରେ ପଚାରିବସିଲେ ‘ ଆର୍ ୟୁ ଖ୍ରୀଷ୍ଟିୟାନ୍ ?’ । ମୁଁ ଟିକେ ଦୋଦୋପାଞ୍ଚ ହୋଇ କହିଲି ‘ଆଇ ଏମ୍ ଏ ହ୍ୟୁମାନ୍’। ତିନିହେଁ ହସରେ କୁରୁଳି ଉଠିଲୁ । ସେହି କେନିୟା ନିବାସୀ ଟିକେ ହଲିଝୁଲି କହିଲେ ‘ ଆଇ ଲଭ୍ ଦାଟ୍ ଆନ୍‌ସର୍ ମ୍ୟାନ୍...!!!’ । ତା'ପରେ ମୁଁ ତାଙ୍କୁ କହିଲି ଯେ ଯଦିଓ ଆମେ ହିନ୍ଦୁ, କିନ୍ତୁ ଆମେ ସବୁ ଧର୍ମକୁ ସମ୍ମାନ ଦେଉ । ଆଉ ସମସ୍ତଙ୍କ ଉତ୍ସବରେ ନିଜକୁ ସାମିଲ୍ କରିବାରେ ଆନନ୍ଦ ହୋଇଥାଉ । ସେ ପୁଣିଥରେ ନିଜର ଚିକ୍‌ମିକ୍ ହେଉଥିବା ଧଳା ଦନ୍ତପଂକ୍ତି କୁ ଉନ୍ମୁକ୍ତ କରି ବହେ ହସିଲେ । ତା'ପରେ ଆମଠୁ ବିଦାୟ ନେଇ ତାଙ୍କ ବାଟରେ ଚାଲିଗଲେ ।

ବିଭିନ୍ନ ସପିଙ୍ଗ ମାଲ୍ ଆଉ କେତେଟା ଦେଖିବା ଜାଗା ଦେଖି ବାହାରେ ଗୋଟିଏ ଦକ୍ଷିଣ ଭାରତୀୟ ଭୋଜନାଳୟରେ  ମଧ୍ୟାହ୍ନ ଭୋଜନ କରି ସନ୍ଧ୍ୟାରେ ଘରକୁ ଫେରିଲୁ । ୟୁ ଟ୍ୟୁବ୍‌ରେ ବିଭିନ୍ନ ଦେଶରେ ପାଳନ ହୋଇଥିବା ନୂତନ ବର୍ଷର ଭିଡ଼ିଓ ଦେଖିଲୁ  କିଛି ସମୟ ଧରି। ତାପରେ ଆରମ୍ଭ ହେଲା ତୁଷାରପାତ । ଧଳା କେଣ୍ଡା ତୁଳା ଭଳି ଆକାଶରୁ ଦୋହଲି ଦୋହଲି ଝରି ପଡୁଥିଲେ ଏହି ଫୁଲ ଭଳି ଧଳା ମୋତି ତୁଷାର । ଅପୂର୍ବ ଦୃଶ୍ୟ ଥିଲା ଆଉ ମୋ ପାଇଁ ଏହା ଏକ ଅଭିନବ



ଜନ୍‌ସନ୍ ଆଣ୍ଡ ଜନ୍‌ସନ୍, ମୋନେକୋ ସୁବେଉ ଅଫିସ୍ ଏବଂ ଡନ୍‌ମିଲ୍ସ୍ ସଡ଼କର ତୁଷାରଚ୍ଛନ୍ନ ମନୋହର ଦୃଶ୍ୟ

ଦୃଶ୍ୟ ଥିଲା ଉପଭୋଗ କରିବା ପାଇଁ । ଧିରେଧିରେ ରାସ୍ତା,ଆମର ବାସସ୍ଥାନର ଆଖପାଖ ସବୁ ନିଜ ନିଜର ରଙ୍ଗ ହରାଇବାରେ ଲାଗିଥିଲେ । ସବୁ ପାଲଟି ଯାଇଥିଲେ ଧଳା, ଧଳା ଆଉ ଧଳା । କେବଳ ରୂପେଲୀ ପରଦାରେ ଏସବୁ ଦେଖୁଥିଲି ଆଉ ବେଳେବେଳେ ଭାବୁଥିଲି ଏସବୁ ପ୍ରାକୃତିକ ତ ? ଆଜି ସତରେ ଦେଖୁଥିଲି ଆଉ ନିଜେ ସେହି ତୁଷାରପାତରେ ଠିଆ ହୋଇ ଥଣ୍ଡାରେ ଶିହରୀ ଉଠୁଥିଲି । ନିଜକୁ ଯେତେବେଳେ ଏହି ଅଭାବନୀୟ ପରିବେଶ ଆଉ ପରିସ୍ଥିତିରେ ଭାବୁଥିଲି ସେତେ ଖୁସି ହେଉଥିଲି । ପରିଣତ ବୟସରେ ମୋ ଭିତରର ଶିଶୁସୁଲଭ ଚପଳତା ପୁଣି ଥରେ ଫେରି ଆସୁଥିଲା । ବାହୁଦ୍ୱୟ ପ୍ରସାରୀ ଆନନ୍ଦରେ ଆତ୍ମହରା ହୋଇ ଉଠୁଥିଲି ।

ଏହି ସମୟରେ ଜଣେ ଗୋରା ଭଦ୍ରବ୍ୟକ୍ତି ମୋତେ ହାତଠାରି ଡାକିଲେ । ମୁଁ ତାଙ୍କ ନିକଟକୁ ଯାଆନ୍ତେ ସେ ମୋତେ ବସିବାକୁ ଇସାରା କଲେ । ହାତରୁ ପିଆଲାଟା ମେଜ ଉପରେ ରଖି ମୋ ଆଡ଼କୁ ଆଗ୍ରହର ସହ ଅନାଇଲେ । ମୁଁ ଟିକେ ଅସମଞ୍ଜସ ବୋଧ କରୁଥିଲି । ଜିଜ୍ଞାସୁ ଦୃଷ୍ଟିରେ ତାଙ୍କୁ ଦେଖୁଥିଲି । ସେ କଣ କହିବେ ବୋଲି ମନେ ମନେ କେତେକଣ ଆକଳନ କରିବାରେ ଲାଗିଥିଲି । ମୁଁ କେଉଁ ଦେଶରୁ ଆସିଛି ବୋଲି ସେ ମୋତେ ପଚାରିଲେ । ମୁଁ କହିଲି 'ଭାରତ'। ସେ ଆମ ଦେଶକୁ ବହୁତ ପ୍ରଶଂସା କରିଲେ ଆଉ ମୋତେ ମୋ ଦେଶ ବିଷୟରେ ଅନେକ କଥା କହି ଚାଲିଲେ । ସେ କୌତୁହଳପୂର୍ଣ୍ଣ ଆଲୋଚନାରେ ସୋନିଆ ଗାନ୍ଧୀ, ଅମିତାଭ୍ ବଚନ୍, ସାହାରୁଖ୍ ଖାନ୍, ଐଶ୍ବର୍ଯ୍ୟା ରାୟ, ଟାଟା, ଅମ୍ବାନୀ, ବିରିୟାନୀ, ସମୋସା, ଆଚାର , ତରକାରୀ, ପ୍ରଭୃତି ଆସିଥିଲା ।

ମୁଁ ଏହିସବୁ ଅତି ଆଗ୍ରହର ସହ ଏହି ସବୁ ଶୁଣୁଥିଲି । ସେ ବିଚକ୍ଷଣ ଇଂରାଜୀରେ ମୋତେ ଅଙ୍ଗଭଙ୍ଗୀ ସହ ଏ ସବୁ ଶୁଣାଉଥିଲେ । ତାପରେ ମୋ ରାଜ୍ୟ ବିଷୟରେ ପଚାରିବାରୁ ମୁଁ ଓଡ଼ିଶାବାସୀ ବୋଲି କହିଥିଲି । ସେ କ୍ଷମାପ୍ରାର୍ଥୀ ହୋଇ କହିଥିଲେ ଯେ ଏହି ରାଜ୍ୟର ନାମ ସେ ପ୍ରଥମ ଥର ପାଇଁ ଶୁଣୁଛନ୍ତି । ପୁନଶ୍ଚ ସେ ମୋତେ ଓଡ଼ିଶା ବିଷୟରେ ଜାଣିବାକୁ ଆଗ୍ରହୀ ହେବାରୁ ମୁଁ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଓଡ଼ିଶା ବିଷୟରେ ବଖାଣିବାକୁ ଆରମ୍ଭ କଲି ।

ଓଡ଼ିଶା ବିଷୟରେ କହିବାକୁ ଗଲାବେଳେ ମନ ପ୍ରାଣ ଓ ଆତ୍ମା ସବୁ ଏକାକାର ହୋଇ ଉଠୁଥିଲେ । ସେତେବେଳେ ମନ ଭିତରେ ଝଙ୍କୃତ ହୋଇ ଉଠୁଥିଲା ସେହି ପ୍ରାତଃସ୍ମରଣୀୟ , ଯୋଗଜନ୍ମା ଅମର ସାହିତ୍ୟିକ ଶ୍ରୀ ମନୋଜ ଦାସଙ୍କର ଅପୂର୍ବ ବାଣୀ –

**୧୯୩୬ ମସିହା ପରଠାରୁ ସ୍ବତନ୍ତ୍ର ଓଡିଶାର କଥା କହିବି ?**

**ଗଙ୍ଗାଠାରୁ ଗୋଦାବରୀ ଉତ୍କଳର ଆୟତନକୁ ବୃଦ୍ଧି କରିଥିବା ଖାରବେଳଙ୍କ ସଂସ୍କୃତି କଥା କହିବି ନା ୧୯୩୬ ମସିହା ପର ଓଡିଶାର ସଂସ୍କୃତି କଥା କହିବି ? ଗଙ୍ଗବଂଶୀୟ ମହାରାଜାମାନଙ୍କ ସଂସ୍କୃତି କଥା କହିବି ନା ଜଗନ୍ନାଥ ସଂସ୍କୃତି କଥା କହିବି ନା ଗୀତଗୋବିନ୍ଦର କଥା କହିବି ନା ୧୯୩୬ ମସିହା ପରଠାରୁ ଓଡିଶାର ସଂସ୍କୃତି କଥା କହିବି?**

ମନର ଉଚ୍ଛ୍ୱାସକୁ ଦବାଇ ରଖି ଗୋଟିଏ ପରେ ଗୋଟିଏ କଥା କହି ଚାଲିଥିଲି ଆମ ଓଡ଼ିଶାର । ଇତିହାସ, ସଂସ୍କାର, ସଂସ୍କୃତି, ପ୍ରାକୃତିକ ସମ୍ପଦ, ବୀରତ୍ୱ ଓ ସମୃଦ୍ଧିରେ ଭରା ଓଡ଼ିଶାର କଥା । କହିଲା ବେଳେ ରୋମମୂଳ ଟାଙ୍କୁରୀ ଉଠୁଥିଲା । ସେତେବେଳେ ସେହି ଅନୁଭବ ଅତି ରୋମାଞ୍ଚିତ ଥିଲା । ଏହିଭଳି ଅନୁଭବ କରିଥିଲି ୨୦୦୬ ଦୀପାବଳୀ ଉତ୍ସବ ପାଳନ କରିଲା ବେଳେ । ସେତେବେଳେ ମୁଁ ଥିଲି ମେଲ୍‌ବୋର୍ଣ୍ଣରେ । ଏହି ଉତ୍ସବର ପ୍ରାରମ୍ଭରେ ମେଲ୍‌ବୋର୍ଣ୍ଣର ନଗରପାଳ ସମସ୍ତ ସଭାକୁ ସମ୍ବୋଧନ କରି କହିଥିଲେ ଏକସ୍ୱରରେ 'ଜନ ଗଣ ମନ ଅଧିନାୟକ ଜୟ ହେ ' ଗାଇବା ପାଇଁ । ଓଃ କି ରୋମାଞ୍ଚ ହୋଇ ଉଠିଥିଲା ସମସ୍ତଙ୍କ ମନ ପ୍ରାଣ ଆଉ ଆତ୍ମା । ଆଖିରୁ ସମସ୍ତଙ୍କ ଖୁସିର ଅଶ୍ରୁଧାର, ସ୍ୱରରେ ଏକ ଅପୂର୍ବ ଉଦ୍‌ବେଳନ । ସମଗ୍ର ସଭାସ୍ଥଳ ହଜାର ହଜାର ଭାରତୀୟ ଆଉ ଅଷ୍ଟ୍ରେଲିଆନ୍‌ଙ୍କ ମଧୁର ସ୍ୱର ଝଙ୍କାରରେ ଏକ ଭାରତୀୟତାର ଉପସ୍ଥିତି ବଜାୟ ରଖିଥିଲା । ସେହି ହଜାର ହଜାର ଭାରତୀୟତାର ଝଙ୍କାର ଆଜି ମୋ ଭିତରେ ଏକାକାର ହୋଇ ଓଡ଼ିଶାର ବିଜୟଗାଥା ଗାଉଥିଲା ଏହି ବିଦେଶୀ ଜଣଙ୍କ ଆଗରେ । ସେ ଅତି ଆନନ୍ଦ ଆଉ ଆଗ୍ରହର ସହକାରେ ଶୁଣୁଥିଲେ ।

ହଠାତ୍ ମୁଁ ଅଚାନକ ଭାବେ ନିରବ ହୋଇଯାଇଥିଲି । ସମ୍ବିତ୍ ଫେରିପାଇଲି ଯେତେବେଳେ ସେ ମୋତେ ଗିଲାସେ ପାଣି ଆଉ ଗୋଟିଏ ଟିସୁ କାଗଜ ବଢ଼ାଇ ଦେଲେ । ପ୍ରକୃତିସ୍ଥ ହେଲି ଏବଂ କ୍ଷମା ପ୍ରାର୍ଥନା ପରେ ତାଙ୍କୁ ପ୍ରଶ୍ନବାଚୀ ଦୃଷ୍ଟିରେ ଅନାଇଲି । ସେ ଇଂରାଜୀରେ ଅତି ମଧୁର ଭାବରେ

କହିଲେ ପ୍ରଥମେ ଆଖିରୁ ଲୁହ ପୋଛିନିଅ ଆଉ ଏଇ ପାଣି ପିଇଦିଅ । କଥାର ଏହି ସ୍ରୋତରେ ମୋ ଆଖିରୁ ଏଇ ଅମାନିଆ ଲୁହ ଗୁଡ଼ାକ କେତେବେଳେ ବହିବାକୁ ଆରମ୍ଭ କରିଥିଲେ ଜ୍ଞାନ ନଥିଲା । ଲୁହଧାରକୁ ପୋଛିନେଇ ପାଣି ଗିଲାସଟା ଗୋଟିଏ ଢ଼ୋକରେ ପିଇଦେଲି ।

ଆପଣଙ୍କୁ ମୁଁ କିଛି ବିରକ୍ତ କରିଦେଇନାହିଁ ତ ?

ମୋର ଏହି ପ୍ରଶ୍ନରେ ସେ କହିଉଠିଲେ, ୟୁ ଆର୍ ୱଣ୍ଡର୍‌ଫୁଲ୍ ଜେଣ୍ଟଲ୍‌ମେନ୍ !

ସେ ଆହୁରି କହିଚାଲିଲେ ଯେ ମୋର କଥାଠାରୁ ମୋର ଭାବନା ଆଉ ଓଡ଼ିଶା ପାଇଁ ମୋର ଏହି ଆତ୍ମୀୟତା ବାସ୍ତବିକ ଆଶ୍ଚର୍ଯ୍ୟଜନକ ଥିଲା । ସେ ପୁଣି କହିଲେ, ଏଇଥର ଠୁଁ ତୁମକୁ ଯେତେବେଳେ ସମୟ ମିଳିବ ମୋତେ ଓଡ଼ିଶା ବିଷୟରେ କୁହ । ସେ ନିଜର ଜୀବନକାଳ ମଧ୍ୟରେ ବହୁତ ଦେଶ ବୁଲିଛନ୍ତି ହେଲେ ମୋ ଠାରୁ ଓଡ଼ିଶାର କଥା ଶୁଣିଲା ପରେ କହିଲେ ଯେ ଏଇଥର ସମୟ ପାଇଲେ ସେ ଓଡ଼ିଶା ଯାଇ ବୁଲିଆସିବି । ଆଉ ତୁମଠାରୁ ତା'ପୂର୍ବରୁ ସବୁ ସୂଚନା ସଂଗ୍ରହ କରିନେବି ।

ସେ ଯାହାହେଉ, ନୂଆବର୍ଷଟା ଓଡ଼ିଶାର ଗୁଣଗାଇ ଆରମ୍ଭ ହେଲା , ଏହା ଭାବି ଆହୁରି ପୁଲକିତ ହୋଇ ଉଠୁଥିଲି । ଆଜି ଏଇଠି ଥାଉ, ପୁଣି ଆରଥରକୁ ବଖାଣିବି ମୋର ଏହି ଭ୍ରମଣ କଥା । ଢ଼େର୍ ସାର କଥା ରହିଛି କହିବାକୁ, ଲେଖିବାକୁ ଆଉ ଜାଣିବାକୁ । ଆପଣ ମାନଙ୍କୁ ମୋର ଶୁଭେଚ୍ଛା ।

" ନୂତନ ବର୍ଷର ଅୟମାରମ୍ଭରେ ନୂତନ ଉତ୍ସାହ ଉଦ୍ଦୀପନା ସହ ପବିତ୍ର, ସମୃଦ୍ଧି ତଥା ସ୍ନେହ, ଶ୍ରଦ୍ଧା ଓ ପ୍ରେମମୟ ଜୀବନ ଆଡ଼କୁ ଅଗ୍ରସର ହୁଅନ୍ତୁ , ଏହା ହିଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା । " ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା " ।

ଧନ୍ୟବାଦ..!!

ଜୟ ଓଡ଼ିଆ...ଜୟ ଓଡ଼ିଶା...ଜୟ ଜଗନ୍ନାଥ...!!!

# ଭାବୁକ ହୋଇଯାଏ ମନ...



ବିନୟ ମୋହନ ଦାସ

ତୁମେ ମୋର... ସେନେହର...
ରେଖା... ଚିତ୍ରଟିଏ
ଆଙ୍କେ ତୁମ ପ୍ରତିକୃତି...
ଭାବିନାହିଁ- ତୁମେ ମୋର କିଏ ?

ଆଙ୍କେ ମୁଁ ମନରେ ଭାଳି... ମନକୁ ଅତି ସମ୍ଭାଳି
ତୁମେ ମୋର... ଜୀବନ ପ୍ରେରଣା
ତୁମକୁ ପାଇବା ପାଇଁ... ମନ ମୋର ଥାଏ ଚେଇଁ
ଦେଇ ଚାଲ... ତୁମେ ଯେ ସାନ୍ତ୍ୱନା |

କହିଛ ଆସିବ... ଫେରି... କଥା ଅଛି ଅସୁମାରୀ
ପ୍ରତୀକ୍ଷାକୁ... କାହିଁ ମୁଁ ବୁଝେନା
ତୁମେ ଯଦି ରୁହଦୂରେ... ମନକୁ ଧିକ୍କାର କରେ
ପ୍ରେମ କଣ... ଅଦ୍ଭୁତ ରଚନା... |

ତୁମେ ମୋତେ ଭୁଲିପାର...
ସେଥିପାଇଁ ନାହିଁ ଦୁଃଖ
ପ୍ରେମକୁ ବାଣ୍ଟିବ ନାହିଁ... ଫାଇଦା ପାଇଲେ କାହିଁ
ତୁମେ-ମୋର...
ଜୀବନ ପ୍ରମୁଖ |

ତୁମେ ଯଦି ବଦଳିବ... ସମାଜ କି ଓଗାଳିବ
ତୁମକୁ ହିଁ ମିଳିଯିବ... ସଂଜ୍ଞା
କେହି କହୁ ବା ନ କହୁ... ମୁଁ ପର ସାଥେ ଥିବି
ମୋ ଠାରୁ ମାଗୁଥିବ... ଆଜ୍ଞା |

ବଦଳିବା... ଶିଖିବି ତୁମଠୁ
ବଦଳିବି କଥା ଦେଇ
କାଟି କାଟି ସବୁ ଦ୍ବାହି
ପାଦ ବଢ଼ା... ଏବେ ହେଁ ଆଜିଠୁ |

# ଶତାବ୍ଦୀ ଶେଷର ମଣିଷ : 'ଯତ୍ନରେ ବ୍ୟବହାର କର'



ବିଷ୍ଣୁପ୍ରସାଦ ଚୌଧୁରୀ

ଶତାବ୍ଦୀ ଶେଷବେଳକୁ ସୌର ଜଗତରୁ ପ୍ଲୁଟୋକୁ ଯେମିତି ବିଦାୟ ଦିଆଯାଇଛି, ଠିକ୍ ସେତିକିବେଳେ ମାନବ ସମାଜକୁ ବି ପୃଥିବୀରୁ ବିଦାୟ ଦିଆଯାଇଛି । ବିଦାୟ ତ ନୁହେଁ ବିଲୁପ୍ତ ହୋଇଯାଇଛି ମାନବ ସମାଜ । ହଁ ବଞ୍ଚିଛନ୍ତି କିଛି ମାନବ ଚିଡ଼ିଆଖାନାରେ ଥିବା ପଶୁପକ୍ଷୀଙ୍କ ଭଳି । ଯେଉଁ ପୃଥିବୀରେ ଦିନେ ମାନବ ସମାଜ ଆବର୍ଜନା ବଢ଼ିଲା ଭଳି ବଂଶ ବିସ୍ତାର କରି ଚାଲିଥିଲା, ପ୍ରାୟ ଯାହାର ସଂଖ୍ୟା ଏକ କୋଟି ଟପି ଯାଇଥିଲା, ଆଜି ସେମାନଙ୍କୁ ବିରଳ ବସ୍ତୁ (ଜୀବନଥାଇ ସୁଦ୍ଧା)ରେ ଗଣା ଯାଉଛି । ସେମାନଙ୍କ ପାଇଁ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଛି । ବର୍ତ୍ତମାନ ବି ପୃଥିବୀର ହର୍ତ୍ତାକର୍ତ୍ତା ଦୈବବିଧାତା କହିଲେ, ଯନ୍ତ୍ରମାନବ, ରୋବୋଟ୍ ଯାହାକୁ ଦିନେ ଏ ମଣିଷ ସମାଜ ସୃଷ୍ଟି କରିଥିଲା । ଆଜି ସେମାନଙ୍କ ଦ୍ବାରା ଏ ପୃଥିବୀ ପରିଚାଳିତ । ଏହି ପରିବେଶ, ଏହି ଅବସ୍ଥାପାଇଁ ବି ଦାୟୀ ସେହି ମଣିଷ ସମାଜ । ବିଜ୍ଞାନକୁ ବ୍ୟବହାର କରି ଉନ୍ନତିର ଦ୍ବାହି ଦେଇ ଯାହା ସବୁ କରିଚାଲିଥିଲା, ଏବେ ତା'ର ପରିଣତି ହିଁ ନିଜେ ଭୋଗୁଛି । ହଁ, ପରିଣତିର ପଶ୍ଚାତାପ କରିବାପାଇଁ ଆଉ ବି କେହି ନାହାନ୍ତି, ସବୁ ତ ଧ୍ବଂସ ପାଇଗଲେଣି । ହଁ ବଞ୍ଚିଛନ୍ତି କିଛି, ଯାହାପାଇଁ କି ରୋବୋଟ ନିର୍ମିତ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଛି । ଯାହାକୁ ସେମାନେ 'ଘେଟ୍ଟୋ' କହନ୍ତି । ବିଲୁପ୍ତ ମାନବ ସମାଜର ଶେଷ କିଛି ଯେଉଁ ବଞ୍ଚିଛନ୍ତି, ସେମାନଙ୍କ ଉପରେ ସ୍ବତନ୍ତ୍ର ଚିଠା ଦେଇ ରଖାଯାଇଛି, 'ଯତ୍ନରେ ବ୍ୟବହାର କର', ଯେମିତି କି ଦିନେ ସେ ମାନବ ସମାଜ ବିଭିନ୍ନ କାଚ ତିଆରି କିମ୍ବା ମୂଲ୍ୟବାନ ବସ୍ତୁ ଉପରେ ଲେଖି ରଖୁଥିଲା, ଆଜି ସେ ନିଜେ ସେହି ପରି ଏକ ବସ୍ତୁ ପାଲଟି ଯାଇଛି । ଏହି ଘେଟ୍ଟୋରେ ରହୁଥିବା ବସ୍ତୁମାନେ ଆଉ କେହି ନୁହନ୍ତି, ସେମାନେ ହିଁ ଏହି ଯନ୍ତ୍ର ମାନବର ସ୍ରଷ୍ଟା, ପିତା, ପିତାମହ ଓ ପ୍ରପିତାମହ ଏବଂ ଯିଏ କି ନିଜକୁ ଅତ୍ୟନ୍ତ ଚାଲାକ୍‌ବୋଲି ଭାବୁଥିଲା, ସେଇ ମଣିଷ ସମାଜ । ଉନ୍ନତିର ଦ୍ବାହିଦେଇ ଯେଉଁ ସବୁ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର, ଅତ୍ୟାଧୁନିକ ଯନ୍ତ୍ରମାନବ, କୃତ୍ରିମ ଚିନ୍ତାଶକ୍ତି, ଅତ୍ୟାଧୁନିକ ଇଞ୍ଜିନ୍ ବ୍ୟବହାର କରି ଚାଲିଲେ, ଯାହା ଫଳରେ ଭବିଷ୍ୟତକୁ

ଭୃକ୍ଷେପ ନ କରି ଗଛ କାଟି ଚାଲିଲେ, ଏବଂ ଏ ଧରାବକ୍ଷକୁ ପ୍ରଦୁଷିତ କରିଚାଲିଲେ | ଏ ଯନ୍ତ୍ରଣାକୁ ସହି ନ ପାରି ପ୍ରକୃତି ଦେଖାଇଲା ତା'ର ଉଗ୍ରରୂପ | ପ୍ରକୃତି ଦେଲା ଅଭିଶାପ ସେ ମାନବ ସମାଜକୁ |

ବର୍ତ୍ତମାନର ପୃଥିବୀରେ ପୂର୍ବ ଅପେକ୍ଷା ଅଧିକ ବର୍ଷା, କିନ୍ତୁ ଅମ୍ଳ ବର୍ଷା, ପୂର୍ବ ଅପେକ୍ଷା ଅଧିକ ସୂର୍ଯ୍ୟାଲୋକ ଆସିପାରେନି, କିନ୍ତୁ ଅଧିକ ଉତ୍ତପ୍ତ, ପୂର୍ବ ଅପେକ୍ଷା ଅଙ୍ଗାରକାମ୍ଳ ଅଧିକ, ଅମ୍ଳଜାନ ନାମକୁ ମାତ୍ର | ଯେଉଁଠାରେ କି ମାନବ ସମାଜ ସତ୍ତାପାଇବା, ମରୁଭୂମିରେ ପାଣି ପାଇବା ସଙ୍ଗେ ତୁଳନା କରିଲେ ଅତ୍ୟୁକ୍ତି ହେବ ନାହିଁ | ଏହି ପୃଥିବୀ ଆଜି ବିଭିନ୍ନ ସେନ୍ସର୍ ଯୁକ୍ତ, ବର୍ତ୍ତମାନର ପରିବେଶରେ ଖାପଖୁଆଇ ଚଳିଲା ଭଳି ଯନ୍ତ୍ରମାନବ ପାଇଁ ହିଁ ଉପଯୁକ୍ତ |

ଏହି ପୃଥିବୀରେ ଯେଉଁ କିଛି ମଣିଷ ବଞ୍ଚିରହିଛନ୍ତି, ସେମାନଙ୍କ ଦେହସାରା ଲେଖାଯାଇଛି, ଯତ୍ନରେ ବ୍ୟବହାର କରନ୍ତୁ | ଦିନେ ଯେଉଁ ମଣିଷସମାଜ ପ୍ରକୃତିକୁ କ୍ରୀଡ଼ନକ ଭାବରେ ନିଜ ଅଧିନରେ ରଖିବାକୁ ଚାହୁଁଥିଲା ଏବଂ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିବାକୁ ଚାହୁଁଥିଲା, ଆଜି ସେ ନିଜେ ହୋଇଯାଇଛି ପ୍ରକୃତିର କ୍ରୀତଦାସ | ଚାହିଁଲେ ବି ନିଜ ଇଚ୍ଛାରେ ବାହାରି ପାରେନି ବାହାରକୁ | ସେମାନଙ୍କୁ ସ୍ବତନ୍ତ୍ର ପୋଷାକ, ସ୍ବତନ୍ତ୍ର ଅମ୍ଳଜାନ ଥଳି ଦେଇ ରଖାଯାଇଛି ଅତି ଯତ୍ନରେ | ମଣିଷ ସମାଜ ଯେମିତି କିଛି ଲୁପ୍ତପ୍ରାୟ ବସ୍ତୁକୁ ସଜାଇ ରଖିଥିଲା ମ୍ୟୁଜିୟମ୍‌ରେ ଆଜି ସେ ନିଜେ ସାଜି ହୋଇ ରହିଛି ଏଇ ଯନ୍ତ୍ରଚାଳିତ ସମାଜର ମ୍ୟୁଜିୟମ୍‌ରେ କେବଳ ଆଧୁନିକ ଦେଖଣାହାରୀଙ୍କ ମନୋରଞ୍ଜନ କରିବାପାଇଁ | ଯନ୍ତ୍ରମାନବମାନେ ପରିହାସ କରନ୍ତି ଏ ମାନବ ସମାଜକୁ, ସେହି ବିଜ୍ଞାନର ପରିହାସକଗଣଙ୍କୁ ଏବଂ ସେହି ସମାଜକୁ ଯିଏ ଦିନେ ପ୍ରକୃତି ସହ ପରିହାସ କରୁଥିଲା ବିଭିନ୍ନ ଅସ୍ତ୍ରଶସ୍ତ୍ରର ପ୍ରୟୋଗ କରି | ଆଜି ସେହି ଆଧୁନିକ ଶକ୍ତିର ବୈଜ୍ଞାନିକମାନେ ମଧ ନିର୍ବୋଧ ପାଲଟି ଯାଇଛନ୍ତି, ବୁଦ୍ଧିଶୂନ୍ୟ ହୋଇଯାଇଛନ୍ତି | ଦିନେ ଯେଉଁମାନେ ବିଭିନ୍ନ ମାରଣାତଙ୍କ ରୋଗର ପ୍ରତିଷେଧକ ବାହାର କରୁଥିଲେ, ଆଜି ସେଇମାନେ ନିଜ ବିନାଶ ଏବଂ ନିଜ ମରଣଙ୍କୁ ସ୍ବପ୍ନ କରି

ଆଖିରେ ନେଇ ବଞ୍ଚିଛନ୍ତି, ମରିବାକୁ ଚାହିଁ ବି ମରିପାରୁନାହାନ୍ତି |

ମଣିଷ ସମାଜ ଅଧିନରେ ମନୁଷ୍ୟର ବିଭିନ୍ନ କୁକର୍ମଦ୍ବାରା ଯେମିତି ଅନେକ ପଶୁପକ୍ଷୀମାନେ ଯେମିତି ନୂତନ ପରିବେଶ ସହ ଉପଯୋଜନ କରିନପାରି ମୃତ୍ୟୁସହ ଲଢ଼େଇ କରୁଥିଲେ, ଆଜି ସେମିତି ମରଣ ସହ ସଂଘର୍ଷ କରୁଛି ଏ 'ଯତ୍ନରେ ବ୍ୟବହାର କର' ସୂଚିତ ମଣିଷ ସମାଜ | ନିଜ କୃତକର୍ମଦ୍ବାରା ଯେଉଁ ପରିବେଶ ସୃଷ୍ଟି କରିଛି, ସେହି ପରିବେଶ ଆଜି ମଣିଷକୁ ଧିକ୍କାର କରୁଛି | ଆଜି ମଣିଷ ସମାଜ ଏତେ ଦୁର୍ବଳ ହୋଇଯାଇଛି, ଏତେ କ୍ଷୀଣ ହୋଇଯାଇଛି ଯେ ଦେହସାରା 'ଯତ୍ନରେ ବ୍ୟବହାର କର' ଲେଖି ବଞ୍ଚିବାକୁ ପଡୁଛି | ଦିନେ ଯେଉଁ ମଣିଷସମାଜ ନିଜ ଇଚ୍ଛା ମୁତାବକ ଶହଶହ ପ୍ରାଣୀଙ୍କୁ ମାରି ପାରୁଥିଲା, ହଜାର ହଜାର ଗଛ କାଟି ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିପାରୁଥିଲା, ଉନ୍ନତିର ପ୍ରସାର କରିବା ବାହାନାରେ ନୂଆ ନୂଆ ଆଧୁନିକ ଶିକ୍ଷାନୁଷ୍ଠାନ ଗଢ଼ିବା ପାଇଁ ସରସ ସୁନ୍ଦର ସବୁଜ ବଣ ଜଙ୍ଗଲକୁ ନିମିଷକ ମାତ୍ରେ ସଫା କରି ଦେଉଥିଲା, କୋଇଲା, ଧାତବ ପଥର, ପ୍ରାକୃତିକ ତୈଳ ପାଇଁ ବଡ଼ ବଡ଼ ପାହାଡ଼ କାଟି ସଫା କରିଦେଇଥିଲା | ଆଜି ସେଇ ମଣିଷଜାତି ମରଣ ଯନ୍ତାର ମୁହଁରେ ଠିଆ ହୋଇଅଛି | ମରିବାକୁ ଚାହିଁ ସୁଧା ମରିପାରୁନି | ବଞ୍ଚିବାର ଇଚ୍ଛା ନଥାଇ ସୁଦ୍ଧା ଏହି ଅଣନିଃଶ୍ବାସୀ ପରିବେଶରେ ପଡ଼ିରହିଛି | ଏତେ ଅଣନିଃଶ୍ବାସୀ, ଏତେ ଦୁର୍ବଳ, ଏତେ ଅବିବେକୀ ହୋଇଯାଇଛି ଯେ, ଦିନେ ଯାହାକୁ ନିଜ କାମପାଇଁ ବ୍ୟବହାର କରୁଥିଲା, ଆଜି ତାରି କାମରେ ନିଜକୁ ସମର୍ପି ଦେଇଛି | ମରିବାର ରାସ୍ତା ବି ପାଇ ପାରୁନି |

ଏମିତିରେ ଶତାବ୍ଦୀ ପରେ ଶତାବ୍ଦୀ ବିତି ଚାଲିଛି | ସବୁ 'ଯତ୍ନରେ ବ୍ୟବହାର କର' ସୂଚିତ ମଣିଷ ସମାଜ ଧ୍ବଂସ ପାଇଛି | କେବଳ ବଞ୍ଚିରହିଛି ଏ ବଂଶର ଶେଷ ଦାୟାଦ | ଯାହାକୁ କି ଅତି ଯତ୍ନରେ ସାଇତି ରଖିଛନ୍ତି ଏ ଯନ୍ତ୍ରମାନବ ମାନେ, ଦୟାରେ ନୁହେଁ ବରଂ କଣ୍ଢେଇ ରୂପେ, ବିଲୁପ୍ତ ସମାଜର ଶେଷ ପ୍ରତୀକ ରୂପରେ | ତାକୁ ପୁଣି କିଣିବାପାଇଁ ନିଲାମ ଚାଲେ | ଆଜି ଇଏ କିଣିନିଏ

ତ କାଲି ଆଉ କିଏ | କାହିଁକି ଏ ହେଉଛି ସେହି 'ଯତ୍ନରେ ବ୍ୟବହାର କର' ସୂଚିତ ମଣିଷ ସମାଜର ଶେଷ ବସ୍ତୁ, ଯାହାକୁ କି ଏ ନୂତନ ପୃଥିବୀର ଅଧିବାସୀମାନେ ଚାହାନ୍ତି ନିଜ ଛୁଆମାନଙ୍କୁ କଣ୍ଢେଇରୂପରେ ଉପହାର ଦେବାକୁ କିମ୍ବା ନିଜ ଡ୍ରଇଂ ରୁମରେ ଷ୍ଟାଇଲ୍ ରଖିବା ପାଇଁ |

କିଛି ଦିନପରେ ଅଣନିଃଶ୍ବାସୀ ହୋଇ ସେହି ଶେଷ ମଣିଷଟି ବି ବିଲୁପ୍ତି ପାଇଛି, 'ଯତ୍ନରେ ବ୍ୟବହାର କର' ବଂଶର ସମୂଳେ ବିନାଶ ଘଟିଛି | ପୃଥିବୀ ଜୀବଶୂନ୍ୟ ହୋଇଯାଇଛି | ବର୍ତ୍ତମାନର ଅତ୍ୟାଧୁନିକ ପରିବେଶ କେବଳ ଅମ୍ଳବର୍ଷାର ଅମ୍ଳଛିଟା ଏବଂ ଅଙ୍ଗାରକାମ୍ଳର ଧୂଳିଧୂସରରେ ପରିପୂର୍ଣ୍ଣ | ଯେଉଁ ଅତ୍ୟାଧୁନିକ ପରିବେଶକୁ ମନୁଷ୍ୟ ସୃଷ୍ଟି କରିଥିଲା, ସେଥିରେ ନିଜେ 'ଯତ୍ନରେ ବ୍ୟବହାର କର' ବସ୍ତୁ ହୋଇ ଶତାବ୍ଦୀ ଶେଷର ମଣିଷ ସାଜି, ନିଜ ସମାଜକୁ ଲୋପ କରିବାର କାରଣ ସାଜିଛି |

ହେ

'ପୃଥିବୀର ଅଧିବାସୀ ମଣିଷ ସମାଜ

ବଦଳାଇ ଦିଅ ନିଜ ଚିନ୍ତାଧାରା କାର୍ଯ୍ୟ

ଭାବନାହିଁ ଏହା ଗପଟିଏ ବୋଲି

ସତ ହୋଇ ଦିନେ ଆସିଯିବ ଚାଲି

ପ୍ରକୃତି ସହ ଖେଳ ନ ଖେଳି, ସଠିକ ରାସ୍ତାରେ ଯାଅ

ସବୁଜ ସରସ ପରିବେଶ କରି ବଢ଼ାଅ ଶାନ୍ତିର ଖିଅ

ପ୍ରକୃତି ସହ ଯୁଦ୍ଧ ନକରି ନିଜେ ସଜାଗ ହୁଅ

ନଚେତ୍ ଅଦିନେ ଏହି ଯୁଦ୍ଧରେ ପ୍ରକୃତିର ହେବ ଜୟ |'

# ନୂଆ ବରଷ



ବନ୍ଦନା ପଣ୍ଡା

ଜୀବନର ପ୍ରତିଟି ପାହାଚରେ କିଛି କରିବାର ଆଶା
ନୂଆ ବରଷର ନୂଆ ଆକାଶରେ କିଛି ଲେଖିବାକୁ ଆଶା ॥
ନୂଆ ଉଦ୍ଭାବନର କାହାଣୀ ଲେଖି
ନୂଆ ବରଷର ପ୍ରଭାତ ଦେଖି
ଭୁଲିଗଲି ସବୁ ପୁରୁଣା କଥା ॥
ପ୍ରଭାତର ସେହି ଲୋହିତ ରବି
ଲାଗୁଛି ମହାଯୁଗର କବି ,
କବି ତ କବି ରଚେ ସେ ପୁଣି କେତେ ଯେ ଛବି ॥
ନୂଆ ପ୍ରଭାତର ପ୍ରଭାତ ଛାଡି ରବି ଗଲେ ପୁଣି ପଶ୍ଚିମ ବୁଲି,
ପଶ୍ଚିମରେ ଚନ୍ଦ୍ର ଭାଇଙ୍କୁ ଦେଖି ନ କରି ବିଳମ୍ବ ଗଲେ ସେ ବୁଡି ॥
ବୁଡି ସିନା ଗଲେ ବିଦାୟ କହିବାକୁ ଭୁଲି ଯାଇଥିଲେ ,
ଆକାଶ ତଳୁ ଟା ଟା କହି ପୁଣି ଥରେ ସେ ଘରକୁ ଗଲେ ॥
ତା' ପରର ଦୃଶ୍ୟ କ'ଣ କହିବି,
ଜହ୍ନ କହୁଛି ରାତିସାରା ମୁଁ ରହିବି ॥
ମାମୁଁଙ୍କର ସେହି ଶୀତଳ କିରଣ,
କିରଣ ନୁହେଁ ସେ ତାଙ୍କରି ଆଶିଷ ॥
ପାଇ ସେ ଆଶିଷ ଗଢିଦେବା ଆସ
ନୂଆ ସପନର ନୂଆ ରାଇଜ ॥
ନୂଆ ସକାଳରେ କେବେ ଖୋଜିବନି
ପୁରୁଣା ଦିନର ଅତୀତ କାହାଣୀ ॥
ନୂଆ ବରଷରେ ନୂଆ କାମ କରି,
ରଚିଯିବା ଆସ ଏକ ନୂଆ କିସମ ॥
ଆଗେଇ ଚାଲ! ନୂଆ ବରଷକୁ ସ୍ୱାଗତ କର
ଦେଖିବ ଦିନେ ହେବ ଉଜ୍ଜ୍ୱଳ ଭବିଷ୍ୟ ତୁମର ॥

# ପ୍ରେମ କବିତା



କମଳ କୁମାର ଦାସ

ପ୍ରେମ ଦେଖେ ନାହିଁ ସକାଳ ବା ସଞ୍ଜ

ଖରା ବା ବରଷା ଶୀତ

ପ୍ରେମ ଦେଖେ ନାହିଁ ବୟସ ବରଷ

ଖୋଜୁଥାଏ ମନ ମିତ - ୧

ପ୍ରେମ ଖୋଜୁଥାଏ ପ୍ରେମଭରା ଆଖି

ପ୍ରେମର ଶାନ୍ତ ପରଶ

ଗାଉଥାଏ ଗୀତ ସେ ମନ ଖୁସିରେ

ହେଉଥାଏ ସେ ହରସ – ୨

କେବେ ସେ ଭୁଲଇ ତା' ସାରା ଦୁନିଆ

ଭାସି ପ୍ରେମର ନିଶାରେ

ଆଉ କେତେବେଳେ ଦୁଃଖେ କାନ୍ଦୁଥାଏ

ବସି ପ୍ରେମନଦୀ ତୀରେ – ୩

ପ୍ରେମର ଜୁଆର ମନରେ ଉଠିଲେ

ଶିହରଇ ତନୁମନ

ସମୟର ସ୍ରୋତ ଜଣାପଡ଼େ ନାହିଁ

ଚାଲିଯାଏ ରାତିଦିନ – ୪


ପ୍ରେମର ପରଶେ ଯେ ଦିନ କାଟୁଛି

ତା ମୁଖ ଲାବଣ୍ୟ କୁହେ

ପ୍ରେମର ତରଙ୍ଗ ମନରୁ ଆତ୍ମାକୁ

ପୁଲକିତ କରିଦିଏ – ୫

# ଲାଗେଖାଲି ନୂଆ ନୂଆ



ସରୋଜ ମିଶ୍ର

ଏଇମିତି କେତେ ବରଷ ଗଲାଣି କମି ନି ଦୁଃଖର ଭାର

ଜନମ ସନ୍ତାନ ହେଉଅଛି ଡୁନି ଶୁଣି ମୋବାଇଲ୍ ସ୍ବର

ଗୋଡ଼ ଖୋଲୁ ଖୋଲୁ ସାଇକେଲ୍ ପରେ ବସିଗଲେ ଲାଗେ ନୂଆ

ମନ ଢିଙ୍କିକାଠ, ଛାତି କୁଣ୍ଢେ ମୋଟ ତାଳିମାରି ବାହା ବାହା

ଏଇଠାରୁ ଚିନ୍ତାକର...

ଆଗକୁ ଆଗକୁ ବଢ଼ିବ ପାହାଚ ଶିଶୁଏ ଧରିବେ ଖୁର--- ୦

ପରକୁ ଦେଖିକି ଆମ୍ଭେ ଦେଖାଉଛେ ପିଲାଙ୍କୁ ଖସଡ଼ା ବାଟ

ଝିଅ ପଢ଼ିଲାଣି କଲେଜ ଏଥର ସ୍କୁଟି କିଣ ଚଟାପଟ

ବେକକଟା ଜାମା ନ ପିନ୍ଧିଲେ କାଳେ କହିବେ କେ ମଫସଲି

ସହରୀ ସହରୀ ବାସିବନି କାଳେ ବୁଲୁଥା ଅତର ବୋଲି

ପିନ୍ଧୁଥା ପେଏଣ୍ଟ ଚିରି

ଲୋକେ ଦେଖୁଥାନ୍ତୁ ପୋଷାକରେ ତୋର କେମିତିକା କାରିଗରି--- ୧

ଆସୁଥିବ ନୂଆ ବରଷ ଏମିତି ନୂଆକଥା କିଛି ନେଇ

ଆଶା ତ କରିବା ଆମର ପ୍ରକୃତି ଆନଗତି କିଛି ନାହିଁ

ଦେଉଳ ତୋଳିବା କଠିନ ସମସ୍ୟା ବାଟେ ବସିଯିବ ସହଜ

ବିନା ପରିଶ୍ରମେ ଥୋଡ଼େ ମିଳିଗଲେ ମନେ ମନେ ଦେବରାଜ

ଚାରିଆଡ଼େ ଜଳେ ନିଆଁ...

ଦିଲ୍ଲୀଠାରୁ ଦେଖ ଓଡ଼ିଶା ପର୍ଯ୍ୟନ୍ତେ ଲାଗେ ଖାଲି ନୂଆ ନୂଆ--- ୨

ଯୁଗର ସାଥୀରେ ଚଳିବା ନିଶ୍ଚୟ ନ ଛାଡ଼ ଆମରି ଧର୍ମ

ସମୟରେ ଯାଅ ସମୟରେ ଆସ ନାକ ନ ଟେକନ୍ତୁ ଆନ

ପଦେ ପଦେ ଏଠି ବିପଦ ରହିଛି ଭାବି ଚାଲୁଥା ସଡ଼କ

ନଇଁ ସହି ବାବୁ କର୍ମ କରୁଥାଅ ଯେମିତି ଫଳନ୍ତି ବୃକ୍ଷ

ପିତା-ମାତାଙ୍କର ସମ୍ମାନର ମୂଲ କେବେ କରିବନି ଊଣା

ଗୁରୁ ଗୁରୁବାଣୀ ମହତ ଶୁଣାଣି ଯୁଗେ ଯୁଗେ ନୂଆ ବୀଣା

ସର୍ବେ ମାରିବେ ମୁଣ୍ଡିଆ...

ଯେତେ ବିତିଯାଏ ଯୁଗ ଏ ଧରାରେ ତୁମେ ଥିବ ସଦା ନୂଆ --- ୩

ବାପପୁଅ ଆଗେ କଥା କହିବାକୁ ଅତୀତରେ ଥିଲା ଡର

ଏବେଲିକା ପୁଅ ବାପା ଗିଲାସରେ ଛେଚି କହେ ବାପା ଚିୟର୍

ବାପ ପୁଅ ଯଦି ବନ୍ଧୁ ପରି ହେଲେ ବାପର ସମ୍ମାନ ଗଲା

ଆଗକୁ ଦୁନିଆ ଚାଲିବ ଏମିତି ମଗଜରେ ଦେଇ ତାଲା

ସ୍ନେହ ମାନେ କଣ ଇୟେ ?

ପୁଅ ଯଦି ଟିକେ ବଡ଼ ହୋଇଯାଏ ବାପାକୁ କହିବ କିଏ ?--- ୪

# ଦୁଃଖର ସାଗର

ଚନ୍ଦ୍ରଶେଖର ମିଶ୍ର

ଦୁଃଖର ସାଗର ଭସାଇ ନେଉଛି ମୋତେ
ସୀମାହୀନ ଆକାଶକୁ
ସଂସାର ଜାଲରେ ପଡ଼ି ଗଲି ମୁଁ ବିଗିଡ଼ି
ଭାଳୁଛି କଲା କରମକୁ

ମନେ ଅଛି ଇଚ୍ଛା ଦେହେ ନାହିଁ ବଳ
ଭଜିବାକୁ ତୁମ ନାମ
ତୁମ ଚରଣରେ ଏଇ ଭକ୍ତ କାନ୍ଦୁଛି
ଆସି ତାକୁ ରକ୍ଷାକର
ଆତ୍ମାରେ ଅଛି ଭକ୍ତି ଦେହରେ ନାହିଁ ଶକ୍ତି
ଡାକିବି କିପରି ମୁହିଁ
ଧର୍ମ ନାହିଁ ମୋର ଅଧର୍ମ ସାଗର
ଆସିବି କି ସ୍ବର୍ଗ ଯାଏଁ
ବିଳମ୍ବକର ନାହିଁ ଆହେ ଭାବଗ୍ରାହୀ
ଦରଶନ ଦିଅ ମୋତେ
କାନ୍ଦୁଛି ହୃଦୟ କାନ୍ଦୁଛି ଜୀବାତ୍ମା
ବୋହି ନିଅ ତୁମ କାନ୍ଧେ

ଜିଜ୍ଞାସା ନାହିଁ ଦେହ ପ୍ରତି ମୋର
ଡାକୁଛି ଶ୍ମଶାନ ଭୂଇଁ
ଶୋଇଯିବି ମୁହିଁ ଅଚିନ୍ତା ନିଦରେ
ଦେଖୁ ଥିବି ହେ ଗୋସାଇଁ....

# ଅମରବନ୍ଧୁତ୍ବ

ଏମିତି ବି ଗୋଟେ ଦିନ ଆସିବ,
ଆମର ବନ୍ଧୁତ୍ବ କେବଳ ସ୍ମୃତି ଟିଏ ହୋଇ ରହିଯିବ ......
ସମୟର ଚକ ଗଡିଯିବ ଆଗକୁ ଆଗକୁ ,
ବର୍ଷାମାସ, ଦିନ ବିତି ଯିବ...
ସମୟ ଆଉ ଯୁଗର ପରିବର୍ତନ ସହ
ଅମେ ଦୁହେଁ ଦୁରେଇ ଯିବା ବହୁତ ଦୂରକୁ
ବହୁତ୍ ଦୁରକୁ .....
ଆଉ ଆମର ଦେଖା ହେବନି
ଆଉ ଆମେ କଥା ହେବାନି ଘଣ୍ଟାଘଣ୍ଟା ଧରି ........
ତଥାପି ଆମେ ବନ୍ଧୁ ହୋଇରହିବା ଚିରଦିନ .....
ଭାଗ୍ୟସହ ପାଦମିଳାଇ ଆମେ ଆଗେଇଯିବା
ବହୁ କିଛି ଛାଡ଼ି ଯିବା ପଛରେ ..
ସମୟ ଆଉ ଜୀବନର ବ୍ୟସ୍ତତା ଭିତରେ
ଆମେ ହଜିଯିବା .......
ତଥାପି ଆମେ ବନ୍ଧୁହୋଇ ରହିବା ଚିରଦିନ
କେହି କାହାର ଦୁଃଖ, ସୁଖଟିକେ ଅନୁଭବ କରି ପାରିବାନି
ହସ, ଲୁହଟିକେ ଦେଖି ପାରିବାନି ....
ସାହାଯ୍ୟର ହାତଟିକେ ବି ବଢେଇ ପାରିବାନି
ମାଇଲ୍ ମାଇଲ୍ର ଦୁରତ୍ବ ବଢ଼ିଯିବ ଆମ ଭିତରେ
ତଥାପି ଆମେ ବନ୍ଧୁହୋଇ ରହିବା ଚିରଦିନ
ଯେତେବେଳେ ଆମ ବନ୍ଧୁତ୍ବର ସ୍ମୃତି ମୋତେ ଛୁଇଁଯିବ.......
ମୋ ଓଠରେ ଟିକେ ହସ ଖେଳିଯିବ .
ମୋ ଆଖିରେ ଟିକେ ଲୁହ ଜକେଇ ଆସିବ ...
କେବଳ ମୋର ମନେପଡ଼ିବ ..
ତୁମର ସାହାଯ୍ୟ କରିଥିବା ଦିନଗୁଡ଼ିକ ,
ତୁମର ଆଶ୍ବାସନା ଓ ପ୍ରେରଣାର କଥା ଗୁଡିକ,
ମୁଁ ବସିବସି ଭାବୁଥିବି .......
ସତରେ କଣ ଆମେଦୁହେଁ ....
କେବେ ସାଙ୍ଗ ହୋଇ କିଛି ସମୟ କାଟିଥିଲୁ ,
କିଛି ଦୁଃଖ ବାଣ୍ଟିଥିଲୁ ..
ନା ସବୁ କେବଳ ସ୍ବପ୍ନ ...
ସେ ସ୍ବପ୍ନହେଉ, ସେ ସ୍ମୃତିହେଉ, ସେ ଦୁରତ୍ବହେଉ ......
ତଥାପି ଆମେ ବନ୍ଧୁହୋଇ ରହିବା ଚିରଦିନ...
ନା' କଣ ......??????????

# ଫେସ୍‌ବୁକ୍ -୬



ପ୍ରଶାନ୍ତ କୁମାର ଭୂୟାଁ

**( ପୂର୍ବ ପ୍ରକାଶିତ ଉତ୍ତାରୁ )**

ସେଦିନ ଥିଲା ଡିସେମ୍ବର ୨୭ ତାରିଖ । ଚୋରିଆ ମାମୁଁ ଅଫିସରୁ ସେଦିନ ଘରକୁ ଫେରିଲା ବେଳେ ଖୁସିରେ ପୂରା ମସ୍‌ଗୁଲ୍ ଥିଲେ । ବନ୍ତିଳ ମାଇଁ ତାଙ୍କ ହାତରୁ ଅଫିସ୍ ବ୍ୟାଗ୍‌ଟା ନେଲା ବେଳେ ମାମୁଁଙ୍କ ଚେହେରାରେ ଏହି ଝଲକ ଦେଖି ପଚାରିଥିଲେ, କିହୋ ଆଜି କଣ ମନଟା ପୂରା ଛନଛନ ହେଉଛି ବା ? କେଉଁଠି ଲାଟେରୀ ଲାଗିଗଲା ନା କେଉଁ ମାଛବାଲୀ ଅଥବା ଶାଗବାଲୀ ଅଧିକା ନାଭ ଦେଇଦେଲା ବା ? ଗୋଡ଼ଟା ଆଉ ତଳେ ପଡୁନି ତ ?

ଚୋରିଆ ମାମୁଁ, ଆହୁରି ଫୁଲିଯାଇ ବନ୍ତିଳ ମାଇଁଙ୍କ କାନର ଝୁମ୍ପିଟାକୁ ଟିକେ ହଲେଇ ଦେଇ ଗାଇବାକୁ ଆରମ୍ଭ କଲେ, ଝୁମୁକା ଟିକିଏ ତୁ ତ ହଲେଇ ଦେ ! ରୁମ୍‌ଝୁମ୍ କରି ଟିକିଏ ବଜେଇ ଦେ...ବଜେଇ ଦେ...ବଜେଇ ଦେ...!!!

ବନ୍ତିଳ ମାଇଁ ତାଙ୍କ ହାତଟିକୁ ଆଡ଼େଇ ଦେଇ କହିଲେ, ଟିକିଏ ରୁହ ହୋ...ପିଲାଟା ପରେ ଘରେ ଅଛି । ଟିକିଏ ସରମ କର । ଏ ପାକଳ ବୟସରେ ଏ ସବୁ କଣ ହେଉଛି ବା ?

ଚୋରିଆ ମାମୁଁଙ୍କ ଆଜି ପଞ୍ଚମରେ ବୃହସ୍ପତି ପଡ଼ିଛି ଏଣୁ ସେ ପୁଣି ମାଇଁଙ୍କ କାନିଟାକୁ ଟାଣି ପୁଣି ଗାଇ ଉଠିଲେ,

ଯାହା ତୁ କହିବୁ...ତାହା ମୁଁ କରିବି...ସିନେମା ଦେଖେଇ ନେବି, ଘରେ ତୁ ବସିବୁ ରୋଷେଇ ନକରି ହୋଟେଲରେ ଖୁଆଇବି...!!!

ଏଇଥର ମାଇଁ ଟିକେ ହଡ଼ବଡ଼େଇ ଗଲେ । ନିଜ ଗାଲରେ ହାତ ଦେଇ କହିଲେ , ଇଲୋ ମା ! ଏ ମରଦଟାକୁ ଆଜି କଣ ଜରଫର ହେଲା ନା କଣ ? ନା ବାଟରେ ଭୂତ ଡାଆଣୀ ଦେଖି ଆସିଛି ବା ?

ସେ ନିଜେ ପ୍ରକୃତିସ୍ଥ ହୋଇ ଚୋରିଆ ମାମୁଁଙ୍କ ମୁଣ୍ଡଦେହରେ ହାତଦେଇ ଦେଖି କହିଲେ, ଦିହପା'ତ ସବୁ ଠିକ୍ ଅଛି ହେଲେ ଏଇମିତି ନିଶାପାଣି ପିଇଲା ପରି କାହିଁକି ହେଉଛ ବା ? ଆହେ କହୁନ, କଣ ହେଇଛି ?

ଚୋରିଆ ମାମୁଁ କହିଲେ କାଲିଠାରୁ ଅଫିସ୍ ଯିବା ବନ୍ଦ । ପୂରା ଆଉ ବରଷ ଯାଏଁ ଛୁଟି ନେଇ ଆସିଛି । ଏବେ ଖାଲି ଘରେ ମଜା କରିବା କଥା । ଏ ସବୁ ଶୁଣି ମାଇଁ ଛାନିଆ । ସେ ଧିରେଧିରେ ପ୍ରଥମ ତାନରୁ ଉପରକୁ ନିଜର ସ୍ୱର କୁ ଚଢ଼ାଇ କହିଲେ । ବରଷେ ଛୁଟି ନେଇ ଆସିଛ ଯେ ହେଲେ ଘରର ଚୂଲୀ ଜଳାଇବା ପାଇଁ କଣ ସରକାରର ବାପ ଆଣି ଜିନିଷ ଦେବ।

ଚୋରିଆ ମାମୁଁ ନିଜର ସ୍ୱରକୁ ସେହିଭଳି ଗମାତିଆ ରଖି କହିଲେ, କିହୋ କଥାରେ ତ କହିଥାଉଛ, ମୋ ବାପା, ମୋ ଭାଇ...ଆମର ଗାଁ...ଆମର ଅମୁକ, ଆମର ସମୁକ ହେଲେ ଏବେ ରାଗିପାଚି ଯାଉଛ କାହିଁକି ବା ? ଯଦି ଚାକିରୀ ରହିବନି ତେବେ ତମ ବାପାଭାଇ ଅଛନ୍ତି ନା ।

ସେମାନେ କଣ ସମ୍ଭାଳି ନେବେନି ବରଷଟେ ?

ମୁହଁଟାକୁ ତମ୍ପସାପ କରିବାର ପାଳି ଏଥର ବନ୍ତିଳ ମାଇଁଙ୍କର । ସେ ମୁହଁଟାକୁ ଫୁଲାଇ କହିଲେ, ଗଣ୍ଡମୁରୁଖ ପରି, ଶିକ୍ଷିତ ହୋଇ ସଦାବେଳେ ବାପା ଭାଇ କଥା କିଆଁ କହୁଛ କହିଲ ? ସେ ପୁଣି କହିଲେ, କିହୋ ମୁଁ କଣ ଖାଲିରେ କହୁଛି ସେମାନେ ଅଛନ୍ତି ବୋଲି କି ? ବିଭା ବେଳେତ ପାଞ୍ଚ ପଇସା ମୋ ବାପାଠୁଁ ଛୁଇଁନ । ଆଉ ଆଜି କଣ ସବୁ ଶଶୁର ଶଳାଘରୁ ଆଣି ଗଭନର ହେଇଯିବ । ପୁଣି ସେ ଗୁଣୁଗୁଣୁ ହୋଇ ବିରକ୍ତ ହୋଇ ଉଠି ପାଟିକରି ନିଜ ଝିଅକୁ ଡ଼ାକ ପକାଇଲେ । କିଲୋ ଉଲି, ସେ ରଢ଼ ଫେସ୍‌ବୁକ୍‌ଟାକୁ ଛାଡ଼ି ଏଠିକି ଅଇଲୁ । ଏ ନିଆଁଲଗା କଥା ଶୁଣିଲେ ତ ମୋର ରକତ ପୀତ ଚଢ଼ିଯାଉଛି, କଣ କରିବି । ଆଲୋ ଅଇଲୁ କି ନାଇଁବା ? ଘରଚଣ୍ଡୀଙ୍କ ଏହି ଘଡ଼ଘଡ଼ିଆ ଶବଦରେ ଦୁଇ ମହଲା ଘର ଦୋହଲି ଗଲା । ଉଲି ବା ସେଥିରୁ ବାଦ୍ ଯିବ କେମିତି ? ସେ ଉପର ରେଲିଁ ଉପରେ ଭରାଦେଇ ସେଇଠୁ ପଚାରି ବସିଲା କିଲୋ ବୋଉ ଏଇମିତି ରଡ଼ିଟା କଣ ଛାଡୁଚୁ ବା ? ସାଇ ପଡ଼ିଶା ସବୁ ଚମକି ପଡ଼ିବେ ଲୋ ?

ବନ୍ତିଳ ମାଇଁ, ଆହୁରି ଚଢ଼ା ସ୍ୱରରେ କହିଲେ ..ମୁଁ କଣ କା ବାପାର ଘରେ ରଡ଼ି କରୁଛିକି ଲୋ । ଏଇଟା ମୋ ନିଜ ଘର , ମୋ ଇଚ୍ଛା । ହେଲେ ଏବେ ସବୁ କଥା ସରିଲା, କିଲୋ ତୁ ତଳକୁ ଆଉନୁ । ମୁଁ କଣ ଓଟ ନା ଜିରାଫ୍ ହେଇଚି ଯେ ତୋ ଆଡ଼େ ଉପରକୁ ଚାହିଁ କଥା ହେବି ?

ଉଲି ଅନିଚ୍ଛା ସତ୍ତ୍ୱେ ତଳକୁ ଆସିଲା । ଚୋରିଆ ମାମୁଁ ଟିଭିଟାକୁ ଅନ୍ କରି ଗୋଟିଏ ପରେ ଗୋଟିଏ ଚାନେଲ୍ ବଦଳେଇବାରେ ଲାଗିଛନ୍ତି । ଉଲି ଆସି ବାପା ପାଖରେ ଲାଗି ବସି ପଡ଼ି ଟିଭିଟାକୁ ଅନାଇ ପଚାରିଲା, କଣ କହିବୁ କହୁନୁ । ବନ୍ତିଳ ମାଇଁ ରାଗ ତମତମ ହୋଇ କହିଲେ, ସେ ସୁଆଗିଆ କଥା ସବୁ ମେତେ କହନା । ତୋ ବୋପାକୁ ସଳଖ କରି ପଚାରେ । ବରଷଟେ ଛୁଟି ନେଇ ଆସିଛନ୍ତି କଣପାଇଁ ? ଆଉ କଣ ମୋତେ ବାଟଘାଟରେ ଚଲେଇ ଦେବେ କି ନାହିଁ । କିଲୋ କଣ ଖାଇବା, ଘର କେମିତି ଚଳିବ ? ଥରେଥରେ ଏ ମଣିଷ ଟା ଏମିତି ଓଲେଇ ଗାଈ ଭଳିଆ କଣ ହେଉଚି ବା ? ବିଭା ହେବାର ଯୁଗଟିଏ ବିତିଗଲାଣି ହେଲେ ଆଜିଯାଏଁ ମନଟାକୁ ଧରିପାରିଲି ନାହିଁ । ନଈନାଳର ଗଡ଼ିଶା ମାଛ ଭଳି ଖସି ଯାଉଚି ।

ଉଲି ବାପାର କାନ ପାଖରେ ଥିରି କରି ପଚାରିଲା, ବାପା ..ବୋଉ କଣ ସବୁ କହୁଛି । ତା'ର ମୁଣ୍ଡଟାକୁ କାହିଁକି ଗରମ କରୁଛ କହିଲ । ତମେ ଆସିବ ବୋଲି ସେ ଆଜି ଗରମ ଗରମ ପିଆଜି ଆଉ କଦଳୀ ଭାଜି ସବୁ କରିବାରେ ଲାଗିଛି । ରାତିରେ ତମର ମନ ପସନ୍ଦ ରୋହିମାଛ ଭଜା ହେବ ବୋଲି କହୁଥିଲା । ଏବେ ମୋତେ ଯାହା ସବୁ ଜଣା ପଡ଼ିଲାଣି , ସବୁ ପାଣିରେ ପଡ଼ିଲା ।

ବନ୍ତିଳ ମାଇଁ ଉହୁଙ୍କି ଆସି ଉଲିକୁ କହିଲେ କିଲୋ ଗୁପୁଚୁପୁ କଣ ହେଉଚୁ ବା ? ଭଲ କରି

ପଚାରେ, ଗେଲି ଝିଅ ହେଇଚୁ ପରା । ମୁଁ କହିଲେ ସିନା ଗନ୍ଧୁଛି, ତୋ କଥାତ ଘିଅ-ଅତର !

ଏବେ ଚୋରିଆ ମାମୁଁ ଦେଖିଲେ, ଏହି ଭିତରେ ବିଚରା ପିଲାଟା ଫସି ଗଲାଣି । ସେ ବନ୍ତିଳ ମାଇଁଙ୍କୁ ପାଖକୁ ଡ଼ାକିଲେ ଓ ବସିବାକୁ କହିଲେ । କିନ୍ତୁ ମାଇଁ ଠିଆ ହେବା ଜାଗାରୁ ନ ହଲିବାର ଦେଖି ସେ କହିଲେ ହେଉ ହେଲା ନ ବସିଲେ ନାହିଁ, ମୋ ପାଇଁ ଦିଟା ପିଆଜି ଆଉ ଭାଜି ଆଣ । ସାଙ୍ଗରେ କପେ ଚାହା ମଧ୍ୟ । ସବୁ ପ୍ରାଞ୍ଜଳ ଭାବେ ବୁଝାଇ କହୁଛି। ବନ୍ତିଳ ମାଇଁ କହିଲେ, ସେ ପାଟି ସୁଆଦ ସବୁ ଛାଡ଼ ହୋ । କଣ ନା ପିଆଜି ଭାଜି...!!! ଯେଉଁ କାଣ୍ଡ କରୁଛ ପଖାଳ ଭାତ ମିଳିବନି ଟି । ଆଗେ ମୋତେ ସବୁ ପାଞ୍ଚଣ ଭାବେ କୁହ । ଯଦି ମନକୁ ପାଏ ତେବେ ପିଆଜି ଭାଜି ନ ହେଲେ ସେଇ ପିଆଜି ଭାଜି ଚାଙ୍ଗୁଡିରେ ଦେଇ ରାମ ମନ୍ଦିର ଆଗରେ ବିକିବାକୁ ପଠାଇ ଦେବି । ବୁଝିଲ ?

ମାଇଁ ନଛୋଡ଼ବନ୍ଧା । ଏବେ ମାମୁଁ କହିଲେ କିହୋ ମୁଁ କେତେବେଳେ କହିଲି ବରଷଟେ ଚାକିରୀକୁ ଯିବିନାହିଁ ବୋଲି ? ମୁଁ କହିଲି ଆର ବରଷ ଯାଏଁ ଛୁଟି ନେଇ ଆସିଛି । ଆଜି ହେଲା ୨୭ ତାରିଖ । ମୋର ଗୁଡ଼େ ଛୁଟି ଏଇମିତି ଗଡୁଛି । ଏଣୁ ଭାବିଲି ପାଞ୍ଚସାତ ଦିନ ଛୁଟି ନେଇ ଘରେ ରହିବି ଆଉ ମନହେଲେ କୁଆଡ଼େ ସମସ୍ତେ ମିଶି ଟୁର୍‌ଟ୍ରାଭେଲ୍ କରିବା । ଏଇ କଥାକୁ ପୂରା ସଂସାରଟାକୁ ଉଠେଉଛ ଆଉ ପକାଉଛ । ଆଉ ସବୁଠାରୁ ମୋତେ ତାଜୁବ୍ ହେଉଛି ଏ ପିଲାଟାକୁ କାହିଁକି ଏ ଟେନ୍‌ସନ୍‌ରେ ପୂରାଉଛ କହିଲ ? ମୁଁ ଜାନୁୟାରୀ ୩ ତାରିଖ ଯାଏଁ ଏହି ଛୁଟି ନେଇଛି । ଏଣୁ କହିଲି ଆର ବରଷ ଯାଏଁ ବୋଲି । ଏବେ ବୁଝିଲ ନା ଆହୁରି ରଡ଼ି ଛାଡ଼ିବ । ଏହି କଥା ଶୁଣି ବନ୍ତିଳ ମାଇଁ ଟିକିଏ ରହିଲେ । ଆଁ ଟାଏ କରି ଉପରକୁ ଅନାଇଲେ । ହୋମିଓପାଥିକ ବଇଦ ସୋଲଠିପିକୁ ସେ କୁଜିଶିଶି ଉପରେ ଦବାଇବା ପରି ନିଜର ବିଶି ଆଙ୍ଗୁଠି ଟାକୁ ନିଜ ଗାଲରେ ଦବାଇ ପୁନରପି ଭାବିଲେ ଆଉ ଫିକ୍ କରି ହସି ଦେଇ କହିଲେ ଓଃ ଏଇ କଥା । ସେଇମିତି କହୁନ । ଏ ଟେକିନେକି ଇସ୍‌ଟାଇଲ୍‌ରେ କହିଲେ କିଏ ବୁଝିବ କହିଲ ? ସେ ପୁଣି ଥରେ ହସି ଦେଇ କହିଲେ , କିଲୋ ଉଲି ସେ କଥା ଛାଡ଼ । ଯା'ଟି ମା, ସେ ଚିନାପ୍ଲେଟ୍‌ରେ ପିଆଜି ଆଉ ବରା ନେଇ ଆସିବୁ । ବାପା ଆସିବା ଠୁଁ ପାଣି ଟୋପେ ପିଇ ନାହାନ୍ତି । ଏହା ଶୁଣି ଉଲି ସେଠାରୁ ଉଠି ରୋଷେଇ ଘର ଆଡ଼େ ଗଲା ।

ଆଉ ଏବେ ବନ୍ତିଳ ମାଇଁ , ଚୋରିଆ ମାମୁଁଙ୍କ ପାଖକୁ ଲାଗି ବସିଲେ ଆଉ ପଚାରିଲେ । କିହୋ କଣ ପୁରାଦମ୍ କରିଛ ନା ଏଇମିତି ମନ ରଖିବାକୁ କହିଦେଲ ବା ? ଚୋରିଆ ମାମୁଁ କହିଲେ , ଆହେ ଏତେ ବ୍ୟସ୍ତ କିଆଁ ହେଉଛ କହିଲ? ମୁଁ ଟିକେ ହାତ ମୁହଁ ଧୁଆଧୋଇ ହୋଇ ଆସେ । କିଛି ମୁହଁରେ ଦିଏ , ତାପରେ ବସି ନୂଆ ବରଷ ପାଇଁ ଜାକଯମକରେ ପ୍ରସ୍ତୁତ କରିବା ଏକ ଜୋର୍‌ଦାର୍ ତାଲିକା । ନା କଣ କହୁଛ ?

ବନ୍ତିଳ ମାଇଁ ଟିକେ ରୁଷିଯାଇ କହିଲେ , କିହୋ ଘରେ ପଶିଲା ବେଳେ ତ ଝୁମୁକା ହଲେଇ ପକୋଉଥିଲ । ଆଉ ଏବେ କହୁଛ କଣ ନା ମୁଁ ବ୍ୟସ୍ତ ହେଉଛି । ମୁଁ ତୁମର ଖାଇବା ଧୋଇବାକୁ ନିଘା ରଖିନି ବୋଲି ଅବୁରୁଣୁ ପାଉଛ କିଆଁ ବା ? ତେମେ ଆସିବ ବୋଲି ତ ପିଆଜି ଭାଜି ଗରମ ଗରମ କରି ବସିଛି । ସଦାବେଳେ ଖାଲି ମାଇପିଙ୍କ ଭଳି ଉଲୁଗୁଣା ଦେଉଛ । ହେଉ ଯାଉଛି, ତେମେ କଣ କରୁଛ କଣ । ଏହା କହି ସେ ଝଡ଼ ଭଳି ଉଠି ଚାଲିଗଲେ । ଚୋରିଆ ମାମୁଁ ମନେ ମନେ ହସୁଥିଲେ । ମନ କୁ ମନ କହି ଉଠିଲେ , ଏ ବାୟାଣୀଟା ଆଉ ବଦଳିବ ନାହିଁ ।

ଏବେ "ଶୃଙ୍ଗାର" ଓ "ପ୍ରେମ ରାଇଜ" ଗ୍ରୁପ୍‌ରେ ସଭ୍ୟ ସଂଖ୍ୟା ୧୦୦୦୦ ଡେଇଁବାରେ ଲାଗିଲାଣି । ବହୁତ ଲୋକ ଚିହ୍ନିଜଣା ହେଲେଣି । ଫେସ୍‌ବୁକ୍ ମାଧ୍ୟମରେ ଅନେକ ଭାଈବାବୁ ସବୁ ଚିହ୍ନା ହେବାରୁ ବିଭିନ୍ନ କାର୍ଯ୍ୟାଳୟରେ ସୁରୁଖୁରୁରେ କାମ ହୋଇପାରୁଛି । ସ୍ଥାନ କାଳ ପାତ୍ର ବିଶେଷରେ କଥାର ମୂଲ୍ୟ ବି ରହୁଛି । ଆଗ ବମ୍ବେ, ଦିଲ୍ଲୀ, ହାଇଦରାବାଦ ଆଡ଼େ ଗଲେ ଲଜିଙ୍ଗ ଆଉ ବୋଡ଼ିଙ୍ଗ ପାଇଁ ହଜାର ହଜାର ଟଙ୍କା ସରୁଥିଲା ହେଲେ ଏବେ ଫେସ୍‌ବୁକ୍ ଭାଇବନ୍ଧୁଙ୍କ ଘରେ ରହିବାରୁ ଅର୍ଥଶ୍ରାଦ୍ଧ ହେବାରୁ ବଞ୍ଚିଯାଉଛନ୍ତି ସେ । ତାଙ୍କ ଚାକିରୀରେ ବି ପ୍ରମୋଶନ ହେଲାଣି । ଏହାର ପ୍ରତ୍ୟକ୍ଷ ଶ୍ରେୟ ସେ ଫେସ୍‌ବୁକ୍ କୁ ନଦେଲେ ମଧ୍ୟ ପରୋକ୍ଷରେ ଫେସ୍‌ବୁକ୍‌କୁ ନିଜର ଶୁଭ ଲକ୍ଷଣ ବୋଲି ମାନି ସାରିଲେଣି । କାରଣ ଫେସ୍‌ବୁକ୍‌ରେ ପଶିବା ଠାରୁ ସେ ନିଜର ଶିଶୁ ସୁଲଭ ଚପଳତା, କୈଶୋର ବୟସର ଅମାନିଆପଣ, ଯୌବନର ଉତ୍ତାଳ ତରଙ୍ଗ ଆଉ ଜୀବନର ଆନନ୍ଦ ସବୁକୁ ଏକାଧାରରେ ପାଇସାରିଛନ୍ତି । ଦୁନିଆର ଏଇ ଭିଡ଼ ଭିତରୁ ଫେସ୍‌ବୁକ୍‌ର ଦୁନିଆକୁ ଆଦରି ନେଇଛନ୍ତି ସେ । ଏବେ ରେଡ଼ିଓ, ଟିଭି, ସମାଚାର ପତ୍ର, ପୁସ୍ତକ ପ୍ରଭୃତି ସବୁକୁ ଆଉ ଘାଣ୍ଟିବାକୁ ପଡୁନି ତାଙ୍କୁ । ସବୁ ଫେସ୍‌ବୁକ୍ ଖୋଲିବା କ୍ଷଣି ଆଖି ଆଗରେ ଉଭା । ଅନେକତାରେ ଏକତାର ମନୋରଞ୍ଜନର ଏକ ଅବତାର ଏଇ ଫେସ୍‌ବୁକ୍ ।

ଏଣେ ବନ୍ତିଳ ମାଇଁଙ୍କ "ନାରୀଶକ୍ତି" ଗ୍ରୁପ୍‌ର ସଭ୍ୟ ସଂଖ୍ୟା ୩୦୦୦୦ରୁ ଆହୁରି ଉର୍ଦ୍ଧ୍ୱରେ । "ସାହିତ୍ୟ-ସଂସ୍କୃତି" ଗ୍ରୁପ୍‌ର ସଭ୍ୟସଂଖ୍ୟା କେବଳ ୨୦୦୦ ଅତିକ୍ରମ କରିଛି । ସମସ୍ତଙ୍କ ଇଚ୍ଛା ଓ ଅନିଚ୍ଛାର ମାପଦଣ୍ଡ ନେଇ ଝିକିଟାଣି ଆଣିବାକୁ ପଡୁଛି ଏହି ଗ୍ରୁପ୍‌କୁ । ସାହିତ୍ୟ ବୁଝିବା ଲୋକ ଅବୁଝା ହେଉଛନ୍ତି ଆଉ ନ ବୁଝିବା ଲୋକ ସବୁ ବୁଝି ସାରିଲେଣି ଫେସବୁକ୍ ପୃଷ୍ଠାରେ । ବାଘ ଓ ଛେଳି ଗୋଟିଏ ଘାଟରେ ପାଣି ପିଉଛନ୍ତି ଏଇ ସାହିତ୍ୟ ହାଟରେ । କାବ୍ୟ, କବିତା, ରଚନା, ତତ୍ତ୍ୱ ପ୍ରଭୃତି ହାଟରେ ପଡ଼ି ବାଟରେ ଗଡୁଛନ୍ତି । କେଉଁଠି ଭାଷାର ସମନ୍ୱୟ ନାହିଁତ କେଉଁଠାରେ ଛନ୍ଦ ଓ ତାଳର। ହଜାର ହଜାର ପୃଷ୍ଠା, ଶହ ଶହ ଭାଷାରେ ସାହିତ୍ୟର ତର୍ଜମା କରିବାରେ ଲାଗିପଡ଼ିଛନ୍ତି ।

ଏବେ ଓଡ଼ିଆ ଭାଷାରେ ସାହିତ୍ୟ ପ୍ରେମର ଏକ ନୂତନ ଯୁଗ ଆରମ୍ଭ ହୋଇ ସାରିଛି ଏହି

ଫେସ୍‌ବୁକ୍‌ରେ । ସାହିତ୍ୟ ସେବା ପାଇଁ ହାତଗଣତି ଯେଉଁ କେତେଜଣ ଅଣ୍ଟା ଭିଡ଼ି ବାହାରିଛନ୍ତି ସେମାନେ ଫେସ୍‌ବୁକ୍ ନଥିବା ପୂର୍ବରୁ ମଧ୍ୟ ସାହିତ୍ୟ ସେବା ପାଇଁ ବ୍ରତୀ ଥିଲେ ଆଉ ଏବେବି ଅଛନ୍ତି । ସାହିତ୍ୟର ସେବାକୁ ସେମାନେ ଅତି ନିଷ୍ଠାର ସହ ପାଳନ କରୁଛନ୍ତି ଆଉ ନିଃସ୍ୱାର୍ଥପର ଭାବରେ । ଆଉ କେତେଜଣ ସାହିତ୍ୟକୁ ଆଶାବାଡ଼ି କରି ନିଜକୁ ସଭ୍ୟ ଓ ସମ୍ଭ୍ରାନ୍ତ ରୂପେ ପରିଚିତ କରିବା ପାଇଁ ଏକ ଭିନ୍ନ ଆବରଣ ନେଇ ଫେସ୍‌ବୁକ୍‌ରେ ଆସ୍ଥାନ ଜମାଇ ବସିଛନ୍ତି ।

ବନ୍ତିଳ ମାଇଁ ବହୁତ ଭାବିଚିନ୍ତି ସାହିତ୍ୟ ପ୍ରେମୀ ସରନାନୀଙ୍କୁ "ସାହିତ୍ୟ-ସଂସ୍କୃତି" ପୃଷ୍ଠାର ପରିଚାଳିକା ରୂପେ ଅବସ୍ଥାପିତ କରିଛନ୍ତି । ସେ ତାଙ୍କୁ ସମ୍ପୂର୍ଣ୍ଣ ସ୍ୱାଧିନତା ଦେଇଛନ୍ତି ଏହି ପୃଷ୍ଠାକୁ ପରିଚାଳନା କରିବା ପାଇଁ । ସେ ଦିନ ସେ ସରନାନୀଙ୍କ ସହ ଆଲୋଚନା କରିଲାବେଳେ ତାଙ୍କୁ ହସିହସି କହୁଥିଲେ ଯେ, ବୁଝିଲ କି ସରନାନୀ...ମୋ ଜ୍ଞାନ ଉଦୟ ହେଲା ଦିନଠାରୁ ସାହିତ୍ୟ ପାଇଁ ଅତି ଆଗ୍ରହ। ହେଲେ ସେହି ଆଗ୍ରହ ବ୍ରତ, ପୁରାଣ, ଓଷା ଗୀତ ସଙ୍ଗୀତରୁ ଆରମ୍ଭ ହୋଇ ସ୍ୱାଧିନତା ଦିବସ, ଗଣତନ୍ତ୍ର ଦିବସ ଆଉ ମେଳା ମଉଛବର ଆସର ଭିତରେ ହିଁ ସୀମିତ ହୋଇ ରହିଯାଇଛି ।

ସରନାନୀ ଏଇ ଗାଉଁଲୀ ଭଉଣୀଟିର ନିଷ୍ପାପ ସରଳତାକୁ ବହୁତ ଥର ହୃଦୟଙ୍ଗମ କରିଛନ୍ତି ହେଲେ କେବେ ବନ୍ତିଳ ମାଇଁଙ୍କୁ ଗାଉଁଲିପଣର ଇଙ୍ଗିତ କରିନାହାନ୍ତି। ଆଜି ବନ୍ତିଳ ନାନୀଙ୍କ ମୁହଁରୁ ସାହିତ୍ୟ ବାହାନାରେ ଗାଁ କଥା ବାହାରିବାରୁ ସେ ଅତି ଆଗ୍ରହର ସହ ବନ୍ତିଳ ମାଇଁଙ୍କୁ ଗାଁ ବିଷୟରେ ପଚାରି ବସିଲେ ।

ବନ୍ତିଳ ମାଇଁ ଅତୀତକୁ ଆଉଡ଼େଇ ସରନାନୀଙ୍କ ପାଇଁ ସାଉଁଟି ଆଣିଥିଲେ ଗାଁର ପିଲାଦିନର କେତେ ଯେ ଅଭୂଲା କଥା । ସେ କହୁଥିଲେ, ଯେତେବେଳେ ଆମେ ସବୁ ପିଲା ଥିଲୁ ଗାଁ ଥିଲା ଅତି ସରସ ସୁନ୍ଦର ସରଳ । ସକାଳୁ ସକାଳୁ ମନ୍ଦିରର ଘଣ୍ଟସ୍ୱନ ସାଙ୍ଗରେ ପକ୍ଷୀମାନଙ୍କ ରାବ ଆଉ ଆମ ବଉଳା ଗାଈର ହମ୍ବାରଡ଼ି ସାଙ୍ଗରେ ଆମର ଦିନ ଆରମ୍ଭ ହେଉଥିଲା । ନିତିଦିନର ଜୀବନ ସାଙ୍ଗରେ ସାହିତ୍ୟ ବିଭିନ୍ନ ଆଳରେ ଆମ ସହ ରହିଥିଲା । କଥାକଥାରେ ଜେଜେମା ଢ଼ଗଢ଼ମାଳି କହି କେତେବେଳେ ହସାଉଥିଲା ତ କେତେବେଳେ ଜୀବନର କଥା ବୁଝାଇ ଦେଉଥିଲା । ପୁଚି ଖେଳ, ରଜ ଦୋଳି, ଜହ୍ନି ଓଷା, କୁମାର ପୁନେଇ, ପ୍ରଭୃତି ମଉଛବରେ ଗୀତ ହିଁ ଆମର ପରାଣ ଥିଲା । ଶ୍ରୀ ପଞ୍ଚମୀର ଶୀତୁଆ ସକାଳରେ ଗାଧୋଇ ପାଧୋଇ ଗୀତ ଗାଇ ଇସ୍କୁଲ ଠାରୁ ଗାଁ ଦାଣ୍ଡଯାଏଁ ଶ୍ରୀଫଳ ଧରି ବୁଲିବାରେ ଆହାଃ କି ମଜାଥିଲା । ଗୁରୁଙ୍କ ପାଇଁ ଘରଘର ବୁଲି ଦକ୍ଷିଣା ମାଗି ଆଣୁଥିଲୁ ବିଭିନ୍ନ ଗୀତ ଗାଇ । ବାହାଘରେ, ବ୍ରତ ଭୋଜିରେ ଆଉ ଜନମ ଦିନ ଉତ୍ସବରେ ପୂରା ଘର ଗୀତନାଟର ଏକ ମଞ୍ଚ ପାଲଟି ଯାଉଥିଲା ଯେପରି ।

ଗାଁ ଦାଣ୍ଡରେ ଦଣ୍ଡନାଟ, କେଳାନାଟ, ଦୁଆରୀ, ଚକୁଳିଆ ପଣ୍ଡା, ପରଶୁରାମ ବେଶ,

ପିଲାଖାଇ ଡାଆଣୀ, ବେଙ୍ଗେଇ ନାନୀ, ବୃନ୍ଦାବତୀ ଦେବୀ, ପାଲା, ଦାସକାଠିଆ, ପ୍ରଭୃତି ଗୀତ ସଙ୍ଗୀତ ମାଧ୍ୟମରେ ଆମକୁ ଆମର ସଂସ୍କୃତି ଓ ପରମ୍ପରା ସହ ପରିଚିତ କରାଇ ଦେଉଥିଲେ । ହେଲେ ଏବେ ଗାଁ ଦାଣ୍ଡରେ ସେଇ, ଠିଆ ପୁଚି ନାରଙ୍ଗ... ଗୋଡ଼ ଦିଇଟା ସାରଙ୍ଗ, ଜହ୍ନିଲୋ...ଜହ୍ନି...ତୋ କେତେ ଆଞ୍ଜୁଳୀ, କୁମାର ପୁନେଇ ଜହ୍ନଲୋ... ଫୁଲ ବଉଳ ବେଣୀ, କାହିଁକି ହୃଦୟକୁ କରୁଛ ଊଣା...ପୂରା କରିଦିଅ ହେ ଗୁରୁ ଦକ୍ଷିଣା, ଶଶୀଦେଈ କାନ୍ଦ, ଧିରେ ବାହାର ହେଲେ ପୁଣି ବନ ଦେବତୀ, ଭଜୁକିନା ରାମନାମରେ ଗୋବିନ୍ଦ, ପ୍ରଭୃତି ଆଉ ଶୁଭୁନାହିଁ । ଶୁଭୁନାହିଁ, ସେରକ ପୁରିଲା ମାଣକ ପୁରିଲା ଉଠ ଉଠ ଆରେ ପୁତ...!ର ଡାକ ।

ଆଖି ଜକେଇ ଆସୁଥିଲା ବନ୍ତିଳ ମାଇଁଙ୍କର ଏହି ସବୁକୁ ମନେ ପକାଇ । ସେ ଭାରୀ ଗଳାରେ କହିଲେ , ସରନାନୀ ମୁଁ ଏବେ ଗାଁ କୁ ଗଲେ ମୋ ଗାଁକୁ ଖୋଜୁଛି । ଅଧା ରଙ୍ଗମାଟି ଆଉ ଅଧା ପିଚୁତାରୁ ରେ ଆଉଟୁ ପାଉଟୁ ହେଉଥିବା ସେହି ରାସ୍ତାକଡ଼ରେ ଖଞ୍ଜଣୀ ସାଙ୍ଗରେ ଖନା ନନାର ଘୁମୁ ଘୁମୁରେ ପାରା...ଆହା କି ସୁନ୍ଦର ତୋର ଘୁମୁରାରେ...ଗୀତ କୁ ଖୋଜୁଛି । ମୋ ଗାଁ ଶ୍ରାବଣରେ ଛୋଟ ପିଲାମାନଙ୍କ ମେଳରେ "ଏତିକି ଏତିକି ପାଣି...ଗଙ୍ଗାରାଣୀ..." ର ପ୍ରତିଧ୍ୱନିକୁ କାନପାତି ଶୁଣିବାକୁ ଚେଷ୍ଟା କରୁଛି ହେଲେ ସେ ଧ୍ୱନି ସବୁ ଯେପରି ମିଳାଇ ଯାଇଛି ଦୂରଦୂରାନ୍ତରେ ।

ପିଲାଦିନେ ସଦେଇ ନନା ବିଲମାଳରେ ହଡ଼ାବଳଦ ଯୋଡ଼ିଙ୍କୁ ପାଞ୍ଚଣ ବାଡ଼ି ଧରି ଅଡ଼େଇନେଲା ବେଳେ ଶୁଣୁଥିଲି "ରାମଯେ ଲଇକ୍ଷଣ ହୋ...ଗଲେ ମୃଗମାରି...", ପୂଜାରୀ ନନାର ସକାଳର ପ୍ରଭାତ ବନ୍ଦନା ମାଇକ୍‌ରେ ଶୁଣୁଥିଲି ଆଉ ମା ମୋତେ ଶୁଆଇଲା ବେଳେ ଗାଇ ଦେଉଥିଲା "ଶୋଇପଡ଼ ଲୋ ମୋ କୋକୋରବାଇ... ତୋ ମା ଯାଇଛି ଧାନ ଚୂରେଇ... ଆଇଲେ ଖାଇବୁ ପେଟ ପୂରେଇ... ।" ଏହି କଥା ସବୁ କହିଲା ବେଳେ ତାଙ୍କ ଆଖି ଛଳ ଛଳ ହୋଇ ଉଠିଥିଲା ମାଆକୁ ମନେ ପକାଇ ।

ସରନାନୀଙ୍କର ଆଖି ଜକେଇ ଆସୁଥିଲା ଏହି ସବୁ କଥା ଶୁଣି। ଗାଁ ଭଉଣୀର ଏହି ସରଳତା ତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ସେ ବନ୍ତିଳ ମାଇଁଙ୍କ ଆଖିର ଲୁହଧାରକୁ ପୋଛିଦେଇ ତାଙ୍କୁ କୋଳେଇ ନେଇଥିଲେ ପିଲାଟିଏ ପରି । ବନ୍ତିଳ ନାନୀ ଅଝଟ ଶିଶୁଟିଏ ପରି କଇଁକଇଁ କାନ୍ଦି ଉଠିଲେ ଆଉ କହିଲେ ମୋ ଗାଁକୁ ମୁଁ ହଜାଇ ଦେଇଛି ଏଇ ଆଧୁନିକ ଦାନବର ସର୍ବଗିଳା କ୍ଷୁଧାରେ । ସରନାନୀ ଅନୁଭବ କରିପାରୁଥିଲେ ଗାଁର ମମତା ଏଇ ସରଳ ଭଉଣୀଟିର ସ୍ପନ୍ଦନରୁ ।

କିଛି ସମୟ ପରେ ବନ୍ତିଳ ନାନୀ ତାଙ୍କୁ ବୁଝାଇ କହିଥିଲେ ଯେ, ବୁଝିଲ ସରନାନୀ ବାବୁଙ୍କ ଚାକିରୀ ପାଇଁ ହିଁ ଆମେ ଏବେ ସହରରେ ରହିଛୁ । ହେଲେ ବାବୁ ଅବସର ନେଲାପରେ ଆମେ ଗାଁକୁ ହିଁ ଚାଲିଯିବୁ । ସହରଟା ସାରା ଗହଳି ଚହଳିରେ କମ୍ପୁଥିଲେ ମଧ୍ୟ ମତେ ଚାରିଆଡ଼େ ଖାଁ ଖାଁ

ଲାଗୁଛି। ସବୁ ଏଇଠି ମୋତେ ଅଡୁଆ ଅବାଗିଆ ଲାଗେ । କେବେକେବେ ଅଣନିଃଶ୍ୱାସୀ ହୋଇପଡ଼େ ମୁଁ ଏଇ ସହରୀର ଅଭିନୟ କରିକରି । ମୋତେ ଲାଗେ ଏଠାରେ ସବୁ ଯେପରି ଗୋଟିଏ ଧରାବନ୍ଧା ନିୟାମକ ସହ କରିବାକୁ ପଡ଼ିଥାଏ । ପ୍ରଥମେ ପ୍ରଥମେ ଏଇ ସହର ମୋତେ ବଡ଼ ଆଚମ୍ୱିତ କରି ଦେଇଥିଲା ହେଲେ ଧିରେଧିରେ ଏବେ ସବୁ ଦେହସୁହା ହୋଇଗଲାଣି । ଏବେ ବାହାରକୁ ଯିବାକୁ ଆଉ ମନ ହେଉନାହିଁ । ସବୁଠି ଇଚ୍ଛା ଅନିଚ୍ଛା ସତ୍ତ୍ୱେ ଦାନ୍ତ ନିକୁଟି ହସିବାକୁ ହେଉଛି । ମନ ଖୋଲି କଥା ହୋଇ ହେଉନି । ସବୁ ଅଡୁଆ ଅଡୁଆ ଲାଗୁଛି । ଆଜିକାଲି ଏଇ ଫେସ୍‌ବୁକ୍‌ରେ ମାତି ଯାଉଛି । ନୂଆପୁରୁଣା ସମସ୍ତଙ୍କୁ ମିଶୁଛି । ଦେଶଦୁନିଆର ଗୋଟିଏ ଅଧେ କଥା ଜାଣୁଛି, ଶୁଣୁଛି ଆଉ ଦେଖୁଛି । ଦେଖାଯାଉ ଏଇ ଫେସ୍‌ବୁକ୍ ମୋତେ କୁଆଡ଼େ ନେଇ ଯାଉଛି । ଏବକୁ ଭାବିଲେ ଏହା ବୁଝିପାରୁଛି ଯେ, ଏଥିରେ ମାତିବା ଦିନଠୁଁ ଆଉ ଆରତାର ଆଲୋଚନା ବିଲୋଚନା କରିବାକୁ ପଡୁନାହିଁ । ମନଟା ହାଲ୍‌କା ରହୁଛି, ଆଉ ସତ କହିବି ଯେ ମଜା ବି ଲାଗୁଛି । କିଛି ଖଟା ଆଉ କିଛି ମିଠା ! ଦୁଇ ବାନ୍ଧବୀ ମନଖୋଲି ହସିଥିଲେ ସେ ଦିନ । ଘରଟା ସେମାନଙ୍କୁ ଆଖି ତରାଟି ଅନାଇ ରହିଥିଲା ।


( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।
ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ । )

# ପ୍ରଣୟର ଚିତ୍ରକଥା



ମୀନକେତନ ପଟ୍ଟନାୟକ



ଭାରତୀୟ ଚିତ୍ରକଳାରେ ନନ୍ଦନତତ୍ତ୍ୱର ଆବାହମାନ ଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଶାରୀରିକ ଆବରଣ ବା ଅନାବରଣର ଲୁଚକାଳିମୟ ମାନସାଙ୍କ ଭିତରେ ଶିଳ୍ପୀ ଗଢୁଥାଏ ଲାସ୍ୟରସର ସାନିଧ୍ୟକୁ ଯାହା ହୋଇପାରେ ନନ୍ଦନ ତତ୍ତ୍ୱର ଗାମ୍ଭୀର୍ଯ୍ୟ, ଗଭୀର ଦର୍ଶନ, ହାଲୁକା ମନୋରଞ୍ଜନ କିମ୍ବା ଆକର୍ଷଣର ଆବାହନ । ଭାରତୀୟ ରସ ସାହିତ୍ୟରେ ପ୍ରେମ ବା ପ୍ରଣୟର ପରିଭାଷା ଯେତେ ବ୍ୟାପକ ସେତେ ବୈଚିତ୍ର୍ୟମୟ ମଧ୍ୟ ଅଟେ ।

ରସକୁ ଚିହ୍ନେ ରସିକ । ପ୍ରାଚୀନ ଭାରତୀୟ ଦାର୍ଶନିକ ଭରତ ମୁନୀଙ୍କ ସ୍ୱରଚିତ ନାଟ୍ୟଶାସ୍ତ୍ରରେ ଆଠଟି ରସ ବାବଦରେ ବର୍ଣ୍ଣନା କରିଛନ୍ତି । ସେଥି ମଧ୍ୟରୁ ଶୃଙ୍ଗାରରସକୁ ଶ୍ରେଷ୍ଠ ବୋଲି କୁହାଯାଇଛି । କାଶ୍ମୀରର ଦାର୍ଶନିକ ଆନନ୍ଦ ବର୍ଦ୍ଧନଙ୍କ 'ଧ୍ୱନି ଆଲୋକ' ରଚନାରେ ରସର ବିଭିନ୍ନ ଭାଗକୁ ଉନ୍ନତ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ନବମ ରସ ଭାବେ ଶାନ୍ତ ରସକୁ ସ୍ଥାନିତ କରାଯାଇଛି । ନବମରୁ ଦଶମ ଶତାବ୍ଦୀ ମଧ୍ୟରେ ଅଭିନବ ଗୁପ୍ତ ରସ ତର୍କକୁ ଅଧିକ ବ୍ୟାପକ କରିଥିଲେ, ତାଙ୍କ ରଚିତ 'ଅଭିନବ ଭାରତୀ' ମାଧ୍ୟମରେ । ଆର୍ଯ୍ୟ ଅଭିନବ ଗୁପ୍ତ 'ଭକ୍ତି ରସ'କୁ ଶାନ୍ତରସର ଏକ ପ୍ରମୁଖ ଶାଖା ଭାବରେ ଯୋଡ଼ିଥିଲେ । ଭାଗବତରେ ଭକ୍ତିରସର ଅଧ୍ୟୟନକୁ ନନ୍ଦନତତ୍ତ୍ୱ ଦିଗରୁ ଅଧିକ ଗୁରୁତ୍ତ୍ୱ ଦିଆଯାଇଛି । ପ୍ରାଚୀନ ଭାରତର ମୁନୀଋଷିମାନେ ବେଦ ଆଧାରରେ ପ୍ରଣୟ ନିୟମାବଳୀ (କାମଶାସ୍ତ୍ର) ରଚନା କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଯ୍ୟ ବତ୍ସାୟନ ତାହା ଉପରେ ଅଧିକ ଗବେଷଣା କରି ଯାହା ଫଳାଫଳ ପାଇଲେ ତାକୁ 'କାମସୂତ୍ର' ନାମରେ ନାମିତ କଲେ ଯାହା ପ୍ରାୟତଃ ଖ୍ରୀଷ୍ଟପୂର୍ବ ପ୍ରଥମରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ବୋଲି ମତବାଦ ରହିଛି । ରସ ଗବେଷକ ଆଲାଇନ୍ ଡାନିଏଲଙ୍କ ମତରେ କାମଶାସ୍ତ୍ର ଛଡ଼ା ଯେଉଁ ଦୁଇଟି ଭାରତୀୟ ପ୍ରାଚୀନ ଗ୍ରନ୍ଥରେ ଜୀବନର ଲକ୍ଷ୍ୟକୁ ମାର୍ଗଦର୍ଶିକା ରୂପେ ଗ୍ରହଣ କରାଯାଇଛି, ସେଗୁଡ଼ିକ ହେଲା ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ରଚିତ 'ଅର୍ଥଶାସ୍ତ୍ର' ଓ 'ଧର୍ମଶାସ୍ତ୍ର' । କାମ ଅର୍ଥାତ ଉପଯୁକ୍ତ ବସ୍ତୁ ସହ ସମ୍ପର୍କ ଯାହା ପରିପୂର୍ଣ୍ଣତା ବା ଆନନ୍ଦାନୁଭବ ଦେଉଥିବ ଏବଂ ସେଥିରେ ସହଯୋଗୀକାରୀ ଭାବରେ



ପଞ୍ଚେନ୍ଦ୍ରୀୟର କ୍ରିୟା କଳାପ ଯଥା ଶ୍ରବଣ, ଆଘ୍ରାଣ, ଦର୍ଶନ, ସ୍ପର୍ଶ ଓ ସ୍ବାଦ କରି ମନ ଓ ଆତ୍ମାକୁ ତୃପ୍ତି ମିଳୁଥିବ | ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଣୟର ସଂଜ୍ଞା ଟିକିଏ ଅଲଗା | ଲଭ୍ ବା ପ୍ରେମ ଏକ ବହୁଳ ବ୍ୟବହୃତ ଶବ୍ଦ ଯାହାକୁ ଅନେକ ସମୟ ଓ ସ୍ଥାନ ବିଶେଷରେ ଭୂଲ ବୁଝାଯାଇଛି | ତାକୁ ନେଇ କେତେ ହଣାକଟା ଯୁଦ୍ଧ ଘଟଘଟା ଆଦି ଘଟି ଯାଇଛି | କେତେ ସାହିତ୍ୟ ରଚନା ହୋଇଛି ଓ କେତେ ସଙ୍ଗୀତ ମଧ୍ଯ ସୃଷ୍ଟି ହୋଇଛି | କୁହାଯାଏ, ଯିଏ ଏହି ମହିମଣ୍ଡଳରେ ଜନ୍ମ ନେଇଛି ଦିନେ ନା ଦିନେ ନିଶ୍ଚୟ ପ୍ରେମର ଫାସରେ ଧରାପଡ଼ିଛି | ପାଶ୍ଚାତ୍ୟ ଦାର୍ଶନିକଙ୍କ ମତରେ ବିପରିତ ଯୌନ ଆକର୍ଷଣ ଠାରୁ ଆରମ୍ଭ କରି ଦୁଇଟି ଆତ୍ମାର ମିଳନ ପର୍ଯ୍ୟନ୍ତକୁ ନଅ ପ୍ରକାରର ପ୍ରୀତି କୁହାଯାଏ | ତୀର ସହ କାମଦେବ (କ୍ୟୁପିଡ୍) ଅର୍ଥ ହେଲା ଲଭ୍ ଆଟ୍ ଫାର୍ଷ୍ଟ ସାଇଟ୍, ଯାହା ଶାରୀରିକ ଆକର୍ଷଣର କଥା କୁହେ | ଏଥିରେ କିନ୍ତୁ ପ୍ରେମ ଚୀରସ୍ଥାୟୀ ହେବାର କୌଣସି ଗ୍ୟାରେଣ୍ଟି ନଥାଏ | ସେହିପରି ଅନ୍ୟ ଆଠଟି ପ୍ରୀତିକୁ ଭିନ୍ନ ଭିନ୍ନ ଶ୍ରେଣୀର ପ୍ରକାର ଭେଦରେ ବର୍ଣ୍ଣନା କରାଯାଇଛି |


କଳାରେ ସୌନ୍ଦର୍ଯ୍ୟବୋଧର ଭାବ ପ୍ରକଟ କରିବାପାଇଁ ତାଳ, ଲୟ, ଛନ୍ଦ, ଭାରସାମ୍ୟ, ଗତି ଆଦିର ପ୍ରୟୋଗ ବାବଦରେ ରସର ଉପସ୍ଥିତିର ଆବଶ୍ୟକତା ଉପଲବ୍ଧ କରାଯାଇଛି | ଚିନି ବା ଶର୍କରାରେ ଏପରି କଣ ଅଛି ଯେ ତାହା ଏତେ ମିଠା ଲାଗେ ? ଚିନିକୁ ଯେତେବେଳେ ସର୍ବତ, ଦୁଗ୍ଧ,

ପାଣି ଆଦି ପାନୀୟରେ ପକାଇ ଦିଆଯାଏ, ସେ ନିଜେ ସେଥିରେ ମିଳେଇଯାଇ ହଜିଯାଏ କିନ୍ତୁ ତଥାପି ତା'ର ଉପସ୍ଥିତିକୁ ଅନୁଭବ କରିହୁଏ କାରଣ ସେ ପାନୀୟଟିକୁ ମିଠା କରିଦେଇଥାଏ ଓ ଚିନିକୁ ପାନୀୟଠାରୁ ଅଲଗା କରିବା ଆଉ ସମ୍ଭବ ହୋଇନଥାଏ | ଠିକ୍ ସେମିତି କଳାରେ ରସର ଉପସ୍ଥିତି କଳାକୁ ଉଚ୍ଚ ପଦବାଚ୍ୟ କରି ତୋଳିଥାଏ | ତେଣୁ ସରଳଭାଷାରେ କହିଲେ ରସ ହେଉଛି କଳାର ସୌନ୍ଦର୍ଯ୍ୟମୟ ଭାବ ଯାହା ଦର୍ଶକଙ୍କୁ ଆନନ୍ଦ ଦିଏ ତେଣୁ କଳାରେ ଥରେ ରସକୁ ଦେଖିଲା ପରେ କ୍ଷୁଧା ବଢ଼ିଯାଏ ସିନା କମେ ନାହିଁ | ଅନ୍ୟ ଭାଷାରେ କହିଲେ ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ | ଆନନ୍ଦ କୁମାରସ୍ୱାମୀଙ୍କ ମତରେ ଖାଲି ଦେଖିବାରେ ରସକୁ ଉପଲବ୍ଧି କରିହୁଏ ନାହିଁ, ତାହା ବେଳେ ବେଳେ ଅଲୌକିକ ମଧ୍ୟ ଲାଗିପାରେ | ସୁନ୍ଦରତା ଦେଖିବା ଲୋକର ଆଖିରେ ମଧ୍ୟ ଥାଏ | ପ୍ରାଚୀନ ଗ୍ରନ୍ଥ ଅଭିନୟ ଦର୍ପଣରେ ରସ ବର୍ଣ୍ଣନା ସମ୍ବନ୍ଧରେ ଲେଖାଯାଇଛି ଯେ, ବାହୁ ଯେଉଁ ଆଡ଼କୁ ପ୍ରସାରିତ ହୁଏ ନଜର ସେ ଆଡ଼କୁ ମାଡ଼ିଚାଲେ | ନଜର ଯେଉଁ ଆଡ଼କୁ ମାଡ଼ିଚାଲେ, ମନ ସେ ଆଡ଼କୁ ଧାବମାନ ହୁଏ | ମନ ଯେଉଁ ଦିଗରେ ଧାବମାନ ହୁଏ, ସେଥିରେ ଭାବ ପ୍ରକଟ ହୋଇ ସେ ଦିଗକୁ ଆଗେଇଯାଏ ଓ ଏହିପରି ଭାବରେ ରସର ସୃଷ୍ଟି ହୁଏ |

ଯୌବନେ ମର୍କଟ ସୁନ୍ଦରୀ ଅର୍ଥାତ ଯୁବାବସ୍ଥାରେ ମାଙ୍କଡ଼ ସଦୃଶ ଦେଖାଯାଉଥିବା ପ୍ରାଣୀ ମଧ୍ୟ ଅପ୍ସରା ପରି ଦେଖାଯାଏ | ପ୍ରକୃତି, ସୃଷ୍ଟିରେ ଭାରସାମ୍ୟ ରକ୍ଷା କରିବାକୁ ଯାଇ ଦୁଇଟି ଜାତି ସୃଷ୍ଟି କରିଛି ନାରୀ ଓ ପୁରୁଷ | ଏକ ନିର୍ଦ୍ଦିଷ୍ଟ ସମୟ ଉପନୀତ ହେଲେ ଏହି ଦୁଇ ଜାତି ଗୋଟିଏ ଅନ୍ୟଟି ପ୍ରତି ଆକର୍ଷିତ ହୋଇଥାଏ କିମ୍ବା ଜଣେ ବିପରୀତ ଲିଙ୍ଗର ବ୍ୟକ୍ତି ଅନ୍ୟଜଣକୁ ନିଜ ଆଡ଼କୁ ନଜର ଦେବାପାଇଁ ଆକର୍ଷିତ କରିବାକୁ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରିଥାଏ, ଯଥା ପୁରୁଷ ନିଜକୁ ସୁଦୃଢ଼ ଓ ଶକ୍ତିମାନ ଦେଖାଇବା ପାଇଁ ବ୍ୟାୟାମଶାଳାରେ ବ୍ୟାୟାମ କରେ ତଥା ସୁସ୍ଥ ଶାରୀରିକ ଗଠନ ପ୍ରତି ଧ୍ୟାନ ଦିଏ, ସାର୍ଟର ଛାତିପାଖ ବୋତାମ ଖୋଲିଦେଇ ଚଉଡ଼ା ଛାତି ପ୍ରଦର୍ଶିତ କରେ | ସାର୍ଟର ବେକ ପାଖ କଲର (Collar)କୁ ଟେକିଦିଏ, ବାହୁର ସଶକ୍ତ ମାଂସପେଶୀ ଦେଖେଇବା ପାଇଁ ଜାମାର ହାତ



ଅଂଶକୁ ମୋଡ଼ି ମୋଡ଼ି ଉପରକୁ କାନ୍ଧଯାଏଁ ନେଇଯାଏ । ଠିକ୍ ସେମିତି ନାରୀ ନିଜକୁ ରଙ୍ଗୀନ ଭାବେ ରଙ୍ଗାୟିତ କରିବା ପାଇଁ ଓଠରେ ରଙ୍ଗଲିପି, ଭ୍ରୂଲତାକୁ ଚଞ୍ଚାଚଞ୍ଚି କରି ସଜାଡ଼ି, ନଖକୁ ବଢ଼େଇ ତା'ଉପରେ ରଙ୍ଗର ପ୍ରଲେପ ଦେଇ, ହାତରେ ମେଞ୍ଚାଏ ଚୁଡ଼ିପିନ୍ଧି ଓ ପାଦରେ ଘୁଙ୍ଗୁର ଲଗା ପାଉଁଜି ପିନ୍ଧି ଛମ୍ ଛମ୍ ଶବ୍ଦ କରି ଇସାରା ଦିଏ ତା ଆଡ଼େ ଚାହିଁବାକୁ । ଏହା ହିଁ ଆକର୍ଷଣ ଯାହା ପ୍ରଣୟର ପ୍ରଥମ ସୋପାନ ଅଟେ ।



ପ୍ରେମ ଚିରନ୍ତନ ଅବା କ୍ଷଣିକ ଉନ୍ମାଦନା ହୋଇପାରେ, କିନ୍ତୁ ତାହାର ପରିଭାଷା କାହାପାଇଁ କଣ ହୋଇଥାଉ ପଛେ ଭାରତୀୟ କଳାରେ ତାହା ଉଚ୍ଚାସନ ମଣ୍ଡିତ । ପାରମ୍ପରିକ ଚିତ୍ରକରଙ୍କ ମତରେ ଅଜନ୍ତାର ଭିତ୍ତିଚିତ୍ରରେ ପୁରୁଷର ଉନ୍ମୁକ୍ତ ଶରୀର ଅଙ୍କନ ପୁରୁଷର ପୁରୁଷତ୍ୱ (ମର୍ଦାଙ୍ଗି)କୁ ପ୍ରଦର୍ଶିତ କରାଯାଇ ନାରୀମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରାଯାଇଛି, ଠିକ୍ ସେହିପରି ନାରୀ ଆକୃତି ଗୁଡ଼ିକରେ ବସ୍ତ୍ରର ହାଲୁକା ଆବରଣ ଛଳରେ ବସ୍ତ୍ରର ଅନୁପସ୍ଥିତି, ସୁଡ଼ୋଳ ସ୍ତନ ଯୁଗଳର ତାଳେ ତାଳେ ଗ୍ରୀବା ମଣ୍ଡିତ ଗହଣାମାଳର ପରିବେଷ୍ଟନୀ, ନାଭି ନିମ୍ନାଂଶରେ କଟିମଣ୍ଡିତ କଟିବନ୍ଧ ଅଳଙ୍କାରର ସମ୍ଭାର, ମୁଖ ମଣ୍ଡଳର ଠାଣିରେ ମାଦକତା, ଲମ୍ବିତ ଚକ୍ଷୁ ଯୁଗଳରେ ହରିଣର ଚଞ୍ଚଳତା, ଧାରୁଆ ନାଶାଗ୍ର, ତରଙ୍ଗାୟିତ ଅଧର, ଛନ୍ଦା ଚରଣର ବଶୀକରଣ ଓ ବାହୁ ବନ୍ଧନର ଅକ୍ଟୋପାସ ଫାଶ ଆଦି ଅଙ୍କନ ଦ୍ବାରା ପୁରୁଷମାନଙ୍କୁ ଆକର୍ଷିତ କରିବାପାଇଁ ସଫଳ ଚେଷ୍ଟା କରାଯାଇଛି । ଏହି ଆକର୍ଷଣ ତତ୍ତ୍ବର ପ୍ରଭାବ ମଧ୍ୟଯୁଗୀୟ ମନ୍ଦିର କାନ୍ଥରେ, ତାଳପତ୍ରର ପୋଥି ଚିତ୍ରରେ, ବିଭିନ୍ନ ମଠ, ମନ୍ଦିର, ଗୁମ୍ଫା ଆଦିରେ ଥିବା ଭିତ୍ତିଚିତ୍ର ମାନଙ୍କରେ ସାଧାରଣତଃ ଦେଖାଯାଏ । ଏହି ଭାରତୀୟ ସୌନ୍ଦର୍ଯ୍ୟ ତତ୍ତ୍ବର ଅକ୍ଷୟ ଭଣ୍ଡାର ହେଉଛି ରସଶାସ୍ତ୍ର ।

ସବୁଠାରୁ ଗୁରୁତ୍ତ୍ବପୂର୍ଣ୍ଣ କଥା ହେଲା କିଛି ପରିବେଶବିତ୍ ଓ ଭୂତତ୍ତ୍ବବିଦ୍‌ଙ୍କ ମତରେ ଚିତ୍ର ବା ମୂର୍ତ୍ତିରେ ଏପରି ସ୍ବଳ୍ପ ବସ୍ତ୍ରଯୁକ୍ତ ବର୍ଣ୍ଣନା ସେ ସମୟର ଉଷ୍ମ ପରିବେଶକୁ ଦର୍ଶାଯାଇଛି ଯାହା ବିଷୁବ ମଣ୍ଡଳୀୟ ପ୍ରଭାବ ଆଦି ଭୌଗଳିକ କାରଣ ଯୋଗୁଁ ହୋଇଥିବାର ବିଜ୍ଞାନ ସମ୍ମତ ମତର ଦ୍ବାହି ଦିଅନ୍ତି । ସେମାନଙ୍କ ମତରେ କଳା ଓ ସାହିତ୍ୟ ସେହି ସମୟର ସମାଜର କଥା କୁହେ ଯେପରି କୋଣାର୍କ ମନ୍ଦିର କାନ୍ଥରେ ଜିରାଫ୍ ମୂର୍ତ୍ତିର ଉପସ୍ଥିତି ଯାହା ସେ ସମୟର ନୌବାଣିଜ୍ୟ ଯୋଗୁଁ ଉତ୍କଳ ପ୍ରଦେଶକୁ

ଜିରାଫ୍ ଆସିଥିବାର ସେହି କାଳର ବନ୍ଦର ନଗରୀ ଚନ୍ଦ୍ରଭାଗା/କୋଣାର୍କରେ ବିଶୁ ମହାରଣାଙ୍କ ସ୍ଥାପତ୍ୟ ଓ ଭାସ୍କର ବାହିନୀଙ୍କ ଦୃଷ୍ଟିଗୋଚର ହୋଇଥାଏ ପାରେ | ତେବେ ପ୍ରଶ୍ନ ଉଠେ, ସେ ଯୁଗରେ ଭାରତ ବର୍ଷରେ କଣ ବଣଜଙ୍ଗଲ କମ ଥିଲା ଯେ ଏତେ ଗରମ ପଡୁଥିଲା ଓ ଲୋକମାନେ ସ୍ବଳ୍ପବସ୍ତ୍ର ଧାରଣ କରୁଥିଲେ ? କିମ୍ବା ସେ ସମୟର ସାମାଜିକ ମୂଲ୍ୟବୋଧ ଆଜିର ଆଧୁନିକ ସମାଜଠାରୁ ଢେର୍ ଅଧିକ ଉଦାର ଥିଲା ?

ମୈଥିଳୀ କବି ବିଦ୍ୟାପତି, ଉତ୍କଳ ପ୍ରାନ୍ତର ଜୟଦେବ ଓ ଉପେନ୍ଦ୍ରଭଞ୍ଜଙ୍କ ରଚନାମାଳାରେ ମଧ୍ୟ ପ୍ରଣୟ ଆଧାରର ଚିତ୍ର (ପୋଥି ଚିତ୍ର) ବର୍ଣ୍ଣିତ ହୋଇଛି | ଜୟଦେବଙ୍କ ସ୍ବରଚିତ ଗୀତଗୋବିନ୍ଦ ଭକ୍ତି ଓ ରାସରସର ଆଢୁଆଳେ ଶୃଙ୍ଗାର ରସ ଉପରେ ବୁଲେଇ ବଙ୍କେଇ ଗୁରୁତ୍ବ ଦେଇଛନ୍ତି | ଏହି ସମୟର ତାଳପତ୍ରର ପୋଥିଚିତ୍ର ଗୁଡ଼ିକରେ ମୈଥୁନ ଚିତ୍ର ବହୁଳ ଭାବେ ଖୋଦିତ(ଅଙ୍କିତ) ଓ ରଙ୍ଗ ପ୍ରଲେପିତ ହୋଇଥିବା ଦୃଷ୍ଟି ଗୋଚର ହୁଏ | ଏହି ଶ୍ରେଣୀୟ କବିମାନଙ୍କୁ ଚତୁର କବି କୁହାଯାଇପାରେ କାରଣ ଶୃଙ୍ଗାର ରସକୁ ସେମାନେ ରାଧାକୃଷ୍ଣ ଲୀଳା ବା ଈଶ୍ବରୀୟ ଅପ୍ରାକୃତ ପ୍ରେମ ବା ରାଧାଭାବେ କୃଷ୍ଣଲାଭ ଆଦିର ଖୋଳପା ପିନ୍ଧାଇ ସମାଜକୁ ତାଙ୍କ ତର୍କକୁ ଗ୍ରହଣ କରିବାକୁ ସଫଳତାର ସହ ବାଧ୍ୟ କରିପାରିଛନ୍ତି |

ମୋଗଲ ଶାସକମାନେ ବିଳାସ ବ୍ୟସନରେ ବୁଡ଼ି ରହୁଥିବା ହେତୁ ସେ ସମୟର ଛବି ଗୁଡ଼ିକରେ ବିଶେଷକରି ମୋଗଲ ମିନିଏଚରରେ ପ୍ରଣୟ, ଶୀକାର, ସମର ଓ ସୌଖୀନ ଖିଆଲର ଚିତ୍ର ସବୁ ଦେଖିବାକୁ ମିଳେ, ଅବଶ୍ୟ ଔରଙ୍ଗଜେବଙ୍କ ଶାସନ କାଳ ବେଳକୁ ମୋଗଲ ଚିତ୍ରକଳାର ପତନପର୍ବ ଆରମ୍ଭ ହୋଇଯାଇଥିଲା କାରଣ ସେ ଆକୃତି ଚିତ୍ରଣକୁ ଘୃଣା କରୁଥିଲେ |

ବ୍ରିଟିଶ୍ ଶାସନ କାଳରେ 'କମ୍ପାନୀ ଆର୍ଟ', ପାଟନା ସ୍କୁଲ୍ ଅଫ୍ ଆର୍ଟର ଛବି ଗୁଡ଼ିକୁ ତର୍ଜମା କଲେ ଜଣାଯାଏ ଯେ କମ୍ପାନୀ ଆର୍ଟରେ ଭାରତୀୟଙ୍କୁ କଳା, ଶ୍ୟାମଳ ଓ ସ୍ବଳ୍ପବସ୍ତ୍ର ପରିହିତ ଦେଖାଯାଇଛି, ଏପରିକି ଶାସକୀୟ ଗୋଷ୍ଠୀ ଯଥା ରାଜା, ସାମନ୍ତ, ନବାବ୍ ଆଦିଙ୍କୁ ମଧ୍ୟ କଳା ଓ ସ୍ବଳ୍ପ ବସ୍ତ୍ର (ଅର୍ଦ୍ଧ ଉଲଗ୍ନ କୁହାଯାଇପାରେ) ପରିହିତ ଭାବରେ ଦର୍ଶାଯାଇଛି | କେବଳ ଏତିକି ଫରକ୍ ଅଛି ଯେ ଏମାନଙ୍କୁ ପଗଡ଼ି ଓ ଆଭୁଷଣ ମଣ୍ଡିତ ଦର୍ଶାଯାଇଥିବାରୁ ହିଁ ଆକୃତି ଗୁଡ଼ିକ ସମ୍ଭ୍ରାନ୍ତ ଶ୍ରେଣୀୟ ବୋଲି ଜଣାଯାଉଛି | ଏହି ସମୟର ଛବିରେ ନାରୀ ଓ ପୁରୁଷ ଦୁହେଁ ଶ୍ୟାମଳ ରଙ୍ଗରୂପେ ଦର୍ଶାଯାଇଥିଲେ ହେଁ ଶାରୀରିକ ଆକର୍ଷଣ ଦିଗଟି ପ୍ରତି ଅବହେଳା କରାଯାଇନାହିଁ |

ତ୍ରିଭାଙ୍କୋଡ଼ର ରାଜା ରବିବର୍ମା, ପ୍ରଣୟର ଅନେକ ଛବି ଆଙ୍କିଯାଇଛନ୍ତି । ବରୋଦାସ୍ଥିତ ମହାରାଜ ଫତେସିଂ ସଂଗ୍ରହାଳୟରେ ପ୍ରଦର୍ଶିତ ପାଶ୍ଚାତ୍ୟ ଚିତ୍ରକଳା ବ୍ୟାକରଣ ଉପରେ ଆଧାରିତ ବୃହତାକାର ତୈଳଚିତ୍ର ଗୁଡ଼ିକ ଶିଳ୍ପୀଙ୍କ ପ୍ରଣୟ ଦୃଷ୍ଟିଭଙ୍ଗୀର ରୂପ ବର୍ଣ୍ଣନା ଅଟେ । ଅଶି ଓ ନବେ ଦଶକରେ ସ୍ବନାମଧନ୍ୟ ଓଡ଼ିଆ ଶିଳ୍ପୀ ସ୍ବର୍ଗତ ଶ୍ରୀ ଚନ୍ଦ୍ରଶେଖର ରାଓ କୃଷ୍ଣଲୀଳା ଉପରେ ପର୍ଯ୍ୟବେଶିତ ଅନେକ ଛବି ଟସର କପଡ଼ା ଉପରେ ଜଳରଙ୍ଗ ଓ କାଳି ମାଧ୍ୟମରେ ଆଙ୍କିଛନ୍ତି । ତାଙ୍କ ଚିତ୍ର ଶୈଳୀ ଓଡ଼ିଶୀ ପଟ୍ଟ ରେଖାଚିତ୍ରର ପରିବର୍ତ୍ତିତ ଆଧୁନିକ ଚିତ୍ରରୂପ ଅଟେ । ଚିତ୍ରରେ ଓଡ଼ିଆତ୍ବ ବା ଓଡ଼ିଆ ପରିଚୟର ପ୍ରବଳ ଦାବିଦାର୍ ତାଙ୍କ ଛବିଗୁଡ଼ିକ ଆଜି ପର୍ଯ୍ୟନ୍ତ ଭାରତୀୟ ଆଧୁନିକ ଚିତ୍ରକଳାକୁ ଋଦ୍ଧିବନ୍ତ କରି ଆସୁଛି । ଓଡ଼ିଶାର କିମ୍ବଦନ୍ତୀ କଳାକାର ବଳଦେବ ମହାରଣାଙ୍କ 'ଋତୁସମ୍ଭାର-୨' ଜଳରଙ୍ଗର ଧୌତଚିତ୍ରଟିରେ କାବ୍ୟରୂପା ନାୟିକାର ବିରହ ଜ୍ବାଳାକୁ ଦର୍ଶାଇଛନ୍ତି । ନାୟିକାର ବିରହ ଯନ୍ତ୍ରଣାର ଚିତ୍ରବ୍ୟାଖ୍ୟା କରିବାକୁ ଯାଇ ତାର ମୁକ୍ତମାଳା ଛିଣ୍ଡି ପଦ୍ମପତ୍ରର ଆସନ ଉପରେ ବୁଣି ହୋଇପଡ଼ିଥିବାର ଚିତ୍ର ଆଙ୍କିଛନ୍ତି ।

ଆମ ପୀଢ଼ିର ପ୍ରମୁଖ ଚିତ୍ରକରଙ୍କ ମଧ୍ୟରେ ସୁଧାଂଶୁ ସୁତାରଙ୍କ 'ଏ ଡାର୍କ ଟ୍ରୁଥ୍ ୱିଥ୍ ଏକ୍ସପେରିମେଣ୍ଟ୍' ଜଳରଙ୍ଗର ଚିତ୍ରକୃତିଟି ଶୃଙ୍ଗାର ସାନିଧ୍ୟାପ୍ରାପ୍ତ ଅଟେ । ଏଥିରେ ଶିଳ୍ପୀ ଆଜିର ବସ୍ତୁବାଦ ଓ ଭୋଗବାଦ ଜୀବନଚର୍ଯ୍ୟାର ପ୍ରଭାବକୁ ଦର୍ଶାଇବାକୁ ଯାଇ ଆମ ଜୀବନର ଅନ୍ଧାରୀ ମୂଳକର ଗାଥା ଆଙ୍କିଛନ୍ତି । କାଚଘର ଚାରିକାନ୍ଥ ଭିତରେ ରତିକ୍ରିୟାର ଯୁଗଳବନ୍ଦୀ ସହ ଚିତ୍ରପଟ୍ଟର ନିମ୍ନାଂଶରେ ଜାତିର ଜନକଙ୍କ ନୂଆଁଳିଆ ମୁଖମାଳାର ପସରା ଓ କାଚଘରର ପଶ୍ଚାତଭାବରେ ବାସନ୍ତିରଙ୍ଗ ପ୍ରଲେପ ସହ ଉର୍ଦ୍ଧାଂଶରେ ରଢ଼ ନିଆଁ ତଥା ଅଙ୍ଗାରର ସାଙ୍କେତିକତା ସାମାଜିକ ଅବକ୍ଷୟକୁ ଦର୍ଶାଇବାର ଏକ ସଶକ୍ତ ପ୍ରୟାସ ଅଟେ । ମୋ ନିଜସ୍ବ ଚିତ୍ରକୃତି 'ପ୍ରଣୟ ନିବେଦନ (Romance Factor)' ଶୀର୍ଷକ ଗୋଲାପୀ ପୃଷ୍ଠଭୂମି ରଙ୍ଗିତ ସାଢ଼େ ତିନି ଫୁଟରେ ସାଢ଼େ ତିନି ଫୁଟ ଆକ୍ରିଲିକ୍ ରଙ୍ଗ ପ୍ରଲେପିତ ଛବିଟି ଗତ ଫେବୃଆରୀ ମାସର ପ୍ରଥମ ସପ୍ତାହରେ ଦିଲ୍ଲୀର ଏକ ଗ୍ୟାଲେରୀରେ ପ୍ରଦର୍ଶିତ ହୋଇଥିଲା ଯାହା ପ୍ରେମଦିବସ (ଭ୍ୟାଲେଣ୍ଟାଇନ୍ ଡେ) ରେ ଚଢ଼ା ଦରରେ ବିକ୍ରୀ ହୋଇଯାଇଥିଲା । ଏହିରେ ଆଜିର ଯୁବପୀଢ଼ିଙ୍କ ମଧ୍ୟରେ ଉଛୁଳା ପ୍ରେମ ବିଶେଷ କରି ସର୍ବସାଧାରଣ ସ୍ଥାନ ମାନଙ୍କରେ ପ୍ରେମୀଯୁଗଳଙ୍କ ଦୌରାତ୍ମ୍ୟକୁ ଦର୍ଶାଇବାକୁ ଯାଇ ମର୍କଟ ଓ ମର୍କଟୀଙ୍କୁ ଆଙ୍କିଥିଲି । ଛବିଟିର ପଶ୍ଚାତ୍ ଭାଗରେ ଦୁଇଟି କ୍ୟୁପିଡ୍ ଚିତ୍ର ସହ ଖୋଲା ଉପହାର ଓ

ପ୍ରଜାପତିଙ୍କ ମେଳିର ଚିତ୍ରସଜ୍ଜା ଦେଖି ଜଣେ ଅଷ୍ଟ୍ରେଲୀୟ ବୈମାନିକ ଆଗ୍ରହ ପ୍ରକାଶ ପୂର୍ବକ ଛବିଟିକୁ କିଣିଥିଲେ ତାଙ୍କ ପ୍ରେୟସୀଙ୍କୁ ପ୍ରେମ ଉପହାର ଭାବେ ଦେବାକୁ, ଯିଏ କୁଏତ୍ ଦେଶର ବାସିନ୍ଦା ଅଟନ୍ତି |

ଇନ୍‌ଷ୍ଟାଲେସନ୍ ଆର୍ଟରେ ମଧ୍ୟ ଶୃଙ୍ଗାରର ଗାମ୍ଭୀର୍ଯ୍ୟମୟ ପ୍ରଭାବକୁ ଦେଖିବାକୁ ମିଳେ | ଏହି ଶ୍ରେଣୀର କଳାକୃତି ଗୁଡ଼ିକ ମଧ୍ୟରୁ 'ଏରୋଟିକା' ଏକ ଉଚ୍ଚକୋଟୀର ଉପସ୍ଥାପନା ଅଟେ | ଏଥିରେ ଶିଳ୍ପୀ ନାରୀର ଲାସ୍ୟମୟୀ ଅନାବୃତ୍ତ ଶରୀରକୁ ନିୟନ୍ ସାଇନ୍ ଆଲୋକ ଦ୍ବାରା ସଜାଇକରି ଉପସ୍ଥାପିତ କରିଛନ୍ତି | ପ୍ରଣୟର ମାୟାଜାଲ ଯେଉଁଥିରେ ରଙ୍ଗୀନ ଆଲୋକର ବର୍ଣ୍ଣାଳୀ ଅତିବ ଚମତ୍କାର ଅଟେ | ସେହିପରି ଅନ୍ୟଏକ ଘଟଣା କ୍ରମରେ ଅଲ୍‌ଡ୍ରିଚ୍ କନ୍‌ଟେମ୍ପୋରାରୀ ଆର୍ଟ୍ ମ୍ୟୁଜିୟମ୍ ଓ ହଷ୍ଟନ୍ ଡାଇଭର୍ସ ୱାର୍କର ମିଳିତ ଉଦ୍ୟମରେ ୨୦୦୫ ମସିହାରେ ଆୟୋଜିତ ହୋଇଥିଲା 'ସମକାଳୀନ ପ୍ରଣୟ ଚିତ୍ର' ମେ ୧ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ | ଏଥିରେ ଭାଗ ନେଇଥିବା ୩୪ ଜଣ ଶିଳ୍ପୀ ପ୍ରଣୟ ଓ ସମ୍ଭୋଗର ଛବି ପ୍ରଦର୍ଶିତ କରିଥିଲେ | ଛବି ଗୁଡ଼ିକ ମଧ୍ୟରେ ପ୍ରେମରେ ପ୍ରୀତି ଉତ୍ତର, କୌତୁକ, ସମ୍ମୋହନ, ଅମୂର୍ତ୍ତ, ନିବିଡ଼ ସାନ୍ନିଧ୍ୟ, ଚୋରାପୀରତି, କାମଦ୍ବିପନା ଓ ପ୍ରେମ କାଙ୍ଗାଳ ବିଷୟ ଆଦିକୁ ଶିଳ୍ପୀମାନେ ଆଧାରଭାବେ ଗ୍ରହଣ କରିଥିବା ଜଣାଯାଏ | ଶିଳ୍ପୀମାନଙ୍କ କଳାକୃତୀ ଗୁଡ଼ିକରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ପ୍ରାଚୀନ ତଥା ପାରମ୍ପରିକ ପ୍ରଣୟ ନିବେଦନ ଶୈଳୀ ଆଦିର କିଛିଟା ପ୍ରଭାବ ପରିଲକ୍ଷିତ ହୋଇଥିଲା |

କଳାରେ ପ୍ରାଣସଞ୍ଚାର କରି ତାର ଗାମ୍ଭୀର୍ଯ୍ୟକୁ ଦୃଢ଼କରେ ଲାଳିତ୍ୟ | କୋଣାର୍କରୁ ଖଜୁରାହୋ ପର୍ଯ୍ୟନ୍ତ, ପୋଥିଚିତ୍ରରୁ ପଟ୍ଟଚିତ୍ର ପର୍ଯ୍ୟନ୍ତ, ମଧୁବନୀ ଭଳି ଲୋକକଳାରୁ ଆଧୁନିକ କଳା ପର୍ଯ୍ୟନ୍ତ ସବୁଠି ପ୍ରଣୟର ପଣତ ଆଢୁଆଳେ ଅଙ୍କାଯାଇଛି କେତେଜଣ ସ୍ବପ୍ନବିଳାସୀ ଓ ନିବିଡ଼ତାର କାହାଣୀମାଳା, କେବେ କ୍ୟାନଭାସ୍ ଉପରେ ତ ପୁଣି କେବେ କାଗଜ ବା ଧାତବ ଖଣ୍ଡ ଦେହରେ | ସେହି କଳ୍ପନାତୀତ ଜୀବନଯୌବନ ଭାବ ଡୋରରେ ବନ୍ଧନ ସେହି ସମୟର ସମାଜର କଥାକୁହେ ଯେଉଁ ପ୍ରଣୟର ଚିତ୍ରକଥା ଆଜି ମଧ୍ୟ ଅଧିକ ପ୍ରାମାଣିକ ମନେ ହୁଏ |

# ବିଶେଷ ସୂଚନା



ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ। ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ। ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ। ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ। ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ବାନ'